**ସଂକ୍ଷେପରେ**



## ସମ୍ବର୍ଦ୍ଧିତ ହେଲେ ଅବସରପ୍ରାପ୍ତ ଶିକ୍ଷକ

**ବୈପାରୀଗୁଡ଼ା,୫।୯(ଡି.ଏନ୍.ଏ.):** ବୁଧବାର ଗୁରୁ ଦିବସ ଅବସରରେ ଚଳିତ ବର୍ଷ ଅବସର ନେଇଥିବା ଶିକ୍ଷକ ମାନଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏହି ଅବସରରେ ସ୍ଥାନୀୟ ମିସନ ଶକ୍ତି ବୈଠକ ଗୃହରେ ଏକ ସଭା ଆୟୋଜନ କରାଯାଇଥିଲା ।ବରିଷ୍ଠ ଶିକ୍ଷକ ସୁଧାକର ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀ ସୁଧିର ଚନ୍ଦ୍ର ରଥ ,ସହକାରୀ ବ୍ଲକ ଶିକ୍ଷାଧିକାରୀ କନକ ମଞ୍ଜରି ଭତ୍ରା ଓ ତ୍ରିନାଥ ପୂଜାରୀ ଓ ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ରାଉତ ପ୍ରମୂଖ ବକ୍ତା ଭାବେ ଯୋଗ ଦେଇଥିଲେ ।ଏହି ଅବସରରେ ଚଳିତ ବର୍ଷ ଅବସର ନେଇଥିବା ୩ ଜଣ ଶିକ୍ଷକ ସୁବୋଧ ନାୟକ ,ଭାସ୍କର ଚନ୍ଦ୍ର ବେହେରା ଓ ସୁଧିର ଚନ୍ଦ୍ର ମହାଁଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା ଷ ସିଆରସି ସୁରେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଉକ୍ତ ବୈଠକରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

## ସାପ କାମୁଡ଼ାରେ ସମିତିସଭ୍ୟାଙ୍କ ମୃତ୍ୟୁ

**କୋରାପୁଟ/ନାରାୟଣପାଟଣା,୫।୯ (ସ୍ୱ.ପ୍ର./ଡି.ଏନ୍.ଏ.):** ସାପ କାମୁଡ଼ାରେ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ଲଙ୍ଗଲବେଡ଼ା ସମିତି ସଭ୍ୟାଙ୍କ ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଲଙ୍ଗଲବେଡ଼ା ପଞ୍ଚାୟତର ସମିତିସଭ୍ୟା ସେମନ୍ତୀ କୋଡାବରୀ (୨୫) କୌଣସି କାର୍ଯ୍ୟରେ ନିଜ ବାପଘର ବନ୍ଧୁଗାଁ ବ୍ଲକ ହାତିବେଡ଼ା ଗ୍ରାମକୁ ଯାଇଥିଲେ। ବୁଧବାର ମଧ୍ୟାହ୍ନରେ ଘର ନିକଟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆନ୍ଧ୍ରର ପାର୍ବତୀପୁରମ ମେଡିକାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

## ସିକିଲସେଲ ରୋଗୀଙ୍କୁ ରକ୍ତଦେବା ପାଇଁ ସଂକଳ୍ପ

**ଜୟପୁର,୫।୯(ନି.ପ୍ର.):** ଜୟପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଗୁରୁ ଦିବସ ଅବସରରେ ରକ୍ତଦାନ କରିବା ପାଇଁ ସଂକଳ୍ପ ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରଦ୍ୟୁମ୍ନ ସାମନ୍ତରାୟ, ମୁଖ୍ୟବକ୍ତା ମୁରଲି ପଟ୍ଟନାୟକ, ସମ୍ମାନିତ ଅତିଥି ଉମାକାନ୍ତ ଆଚାରି ଉପସ୍ଥିତ ଥିଲେ। କାର୍ତ୍ତିକ ରାଉତ, ମୁହିର କୁମାର କର୍କରା ସିକିଲସେଲ ରୋଗୀଙ୍କୁ ପ୍ରତ୍ୟହ ରକ୍ତଦେବା ପାଇଁ ସଂକଳ୍ପ ନେଇଥିଲେ। ୩ ଜଣ ଛାତ୍ରୀଛାତ୍ର ସିକିଲସେଲ୍ ରୋଗରେ ପୀଡ଼ିତ ଥିବାରୁ ଏହି ଯୁବକମାନେ ସେମାନଙ୍କୁ ରକ୍ତ ଦେବା ପାଇଁ ସଂକଳ୍ପ ନେଇଛନ୍ତି।

## ପୂଜ୍ୟପୂଜା କମିଟିର ଗୁରୁଦିବସ

**କୋଲାବନଗର,୫।୯(ଡି.ଏନ୍.ଏ.):** କୋରାପୁଟ ସଦର ବ୍ଲକ କୋଲାବନଗର ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପୂଜ୍ୟପୂଜା କମିଟି ପକ୍ଷରୁ ସଭାପତି କାମାକ୍ଷୀ ପ୍ରସାଦ ପାଢ଼ୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୫ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉପସ୍ଥିତ ସମସ୍ତ ଗୁରୁଜୀ ଗୁରୁମାଙ୍କୁ ପୂଜ୍ୟପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଶିଷ କୁମାର ପାଢ଼ୀ, ଦେବାଶିଷ ପ୍ରଧାନ, ଶ୍ୱେତାଲିନା ପ୍ରଧାନ, ସୁପ୍ରଭା ପଣ୍ଡା, ସୁଜିତ କୁମାର ଜେନା, ପୂଜ୍ୟପୂଜା କମିଟିର ସଭ୍ୟ ସୁରେଶ କୁମାର ନାୟକ, ଜିତେନ୍ଦ୍ର ଜେନା, ସମ୍ପାଦକ ଦିବାକର ଲେଙ୍କା, ଶଶିଭୂଷଣ ସ୍ୱାଇଁ, ଭଗବାନ ସ୍ୱାଇଁ, କୋଟେଶ୍ୱର ରାଓ, ଚିତ୍ରସେନ ବାରିକ ଯୋଗ ଦେଇଥିଲେ।

■କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ

# ୯ ସ୍ଥାନରେ ଖୋଲିବ ନୂତନ ଶାଖା

**ଜୟପୁର,୫।୯(ନି.ପ୍ର./ଡି.ଏନ୍.ଏ.)**

ଅବିଭକ୍ତ କୋରାପୁଟ ଜିଲାର ୯ଟି ସ୍ଥାନରେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୯ଟି ନୂତନ ଶାଖା ଖୋଲିବ। ଏଥିପାଇଁ ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ନିବନ୍ଧକ ସମିତି ସମୂହ ଅନୁମତି ଦେଇଛନ୍ତି। ରାୟଗଡ଼ା ଜିଲାର ପଦ୍ମପୁର ଓ ଟିକିରି, କୋରାପୁଟ ଜିଲାର କୁନ୍ଦୁରା, ନନ୍ଦପୁର ଓ ନାରାୟଣପାଟଣା, ମାଲକାନଗିରି ଜିଲାର ମାଥିଲି, ନବରଙ୍ଗପୁର ଜିଲାର ଝରିଗାଁ, ରାଇଘର ଓ କୋଷାଗୁମୁଡ଼ାରେ ଶାଖା ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜୟପୁରସ୍ଥିତ କେସିସି ବ୍ୟାଙ୍କ ପ୍ରଶାସନିକ କାର୍ଯ୍ୟାଳୟରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ବ୍ୟାଙ୍କ ସଭାପତି ଡ. ଇନ୍ଦିରା ନନ୍ଦ କହିଥିଲେ ଯେ, ଏହି ପଦକ୍ଷେପ ଦ୍ୱାରା ଗ୍ରାମାଞ୍ଚଳର କୃଷି ଓ କୃଷକଙ୍କ ଉନ୍ନତି ହେବା ସହ ଗ୍ରାମାଞ୍ଚଳର ଗ୍ରାହକ ବ୍ୟାଙ୍କ ସୁବିଧା ପାଇପାରିବେ। ଯେଉଁ ପରିବାର ସମବାୟ ପରିସରଭୁକ୍ତ ହୋଇପାରି ନାହାନ୍ତି, ସେମାନଙ୍କ ପାଇ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ନନ୍ଦ କହିଛନ୍ତି। ସେହିପରି କେସିସି ବ୍ୟାଙ୍କ ୨୦୧୫-୧୬ ଆର୍ଥିକ ବର୍ଷରେ ୧ କୋଟି ୨୧ ଲକ୍ଷ ୯୫ ହଜାର, ୨୦୧୬-୧୭ରେ ୧ କୋଟି ୨୬ ଲକ୍ଷ ୭୪ ହଜାର, ୨୦୧୭-୧୮ରେ ୧ କୋଟି ୩୦ ଲକ୍ଷ ୮୩ ହଜାର ଲାଭ ହୋଇଥିବା ସେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ସମ୍ପାଦକ ଅନନ୍ତ କୁମାର ସାମଲ, ଡିଜିଏମ ପଦ୍ମନାଭ ମହାପାତ୍ର, ଏଜିଏମ ବିନୋଦ କୁମାର ଷଡ଼ଙ୍ଗୀ, ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅବିଭକ୍ତ କୋରାପୁଟ ଜିଲାରେ ବ୍ୟାଙ୍କର ୧୭ଟି ଶାଖା ରହିଛି। ଏଥିରୁ କୋରାପୁଟ ଜିଲାରେ ୮ଟି, ରାୟଗଡ଼ାରେ ୩ଟି, ମାଲକାନଗିରିରେ ୩ଟି ଏବଂ ନବରଙ୍ଗପୁରରେ ୩ଟି ଅଛି।



ଖବରଦାତା ସମ୍ମିଳନୀରେ ବ୍ୟାଙ୍କ ସଭାପତି ଓ ଅନ୍ୟମାନେ।




ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ଗୁରୁଦିବସ କାର୍ଯ୍ୟକ୍ରମରେ ଅତିଥିମାନେ।

# ୫ ଶିକ୍ଷକଙ୍କୁ ପୁରସ୍କୃତ କଲା ରୋଟାରୀ କ୍ଲବ

**ଜୟପୁର,୫।୯(ନି.ପ୍ର.)**

ଜୟପୁର ମାଉଣ୍ଟ ଭ୍ୟାଲିରେ ରୋଟାରି କ୍ଲବ ପକ୍ଷରୁ ଗୁରୁ ଦିବସ ଅବସରରେ ୫ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଛି। ଏନେଇ ଆୟୋଜିତ ସଭାରେ ରୋଟାରୀ କ୍ଲବ ସଭାପତି ଜି. ଭେଙ୍କଟ ରାଓ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଏଥିରେ ସଭାପତିତ୍ୱ କରିଥିଲେ କ୍ଲବର ସମ୍ପାଦକ ଅଶୋକ ମିଶ୍ର। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ପ୍ରସାଦ ପାତ୍ର, ସମ୍ମାନିତ ଅତିଥି ଭାବେ ଡିଆଇଇଟିର ଅଧ୍ୟକ୍ଷ ନିଳାଞ୍ଚଳ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଶକ୍ତି ଷଡ଼ଙ୍ଗୀ ଓ ସୁରେଶ ଦାସ ଉପସ୍ଥିତ ଥିଲେ। ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପରେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜୟପ୍ରକାଶ ଚନ୍ଦ୍ର ମିଶ୍ର, ସେଣ୍ଟ୍ରାଲ ପ୍ରାଥମିକ ବିଦ୍ୟାଳୟର ଜାହ୍ନବୀଲତା ମିଶ୍ର, ବାଳିକା ଉଚ୍ଚ ବିଦ୍ୟାଳୟର ଗୀତାଞ୍ଜଳି ପାଢ଼ୀ, କୁମ୍ଭାରସାହି ପ୍ରାଥମିକ ବିଦ୍ୟାଳୟର ରାଧାରାଣୀ ପାଳ, ପାରାବେଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଦୀପ କୁମାର ଦାସଙ୍କୁ ନେସନ ବିଲଡର ଆୱାର୍ଡ଼ ଦିଆଯାଇ ସମ୍ମାନିତ କରାଯାଇଥିଲା।

■କାଡାମଙ୍କୁ ସମ୍ବର୍ଦ୍ଧନା ପାଇଁ ବାଇକ ରାଲି

# ବୁଥ୍‌ସ୍ତରକୁ ସୁଦୃଢ଼ କରିବ କଂଗ୍ରେସ

**ପଟ୍ଟାଙ୍ଗି,୫।୯(ଡି.ଏନ୍.ଏ.)**

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ପାଇଥିବା ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ପଟ୍ଟାଙ୍ଗିରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଛି। କର୍ମୀମାନେ ବାଇକ ରାଲିରେ ଅଞ୍ଚଳ ପରିକ୍ରମା କରାଇ ପୋଡାପଦର ଗ୍ରାମରେ ଆୟୋଜିତ ବୈଠକରେ ପହଞ୍ଚିଥିଲେ। ସଭାକୁ ସମ୍ବୋଧନ କରି କାଡ଼ାମ କହିଛନ୍ତି, ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ପାଇଁ ସଫଳତା ଆଣିବାକୁ ହେଲେ ପ୍ରଥମେ ବୁଥ କମିଟି ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକର ଲେଞ୍ଜିଗୁଡା ଓ ବଦଲିଗୁଡ ଗ୍ରାମର ଶତାଧିକ ବିଜେଡି ଦଳର ସମର୍ଥକ ତୋଟା ପାଡିଆ ବତଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗ ଦେଇଥିଲେ। ସେମାନଙ୍କୁ କାଡାମ ଓ ବ୍ଲକ ଜୋନ-୧ର ସଭାପତି ନୃସିଂହନାଥ ବେହେରା ଏବଂ ଜୋନ-୨ର ସଭାପତି ଶୁକ୍ରା ଖରା ସ୍ୱାଗତ ଜଣାଇଥିଲେ। ଅନ୍ୟତମ ଅତିଥି ନନ୍ଦପୁର ବ୍ଲକ ସଭାପତି କାମେସ କାମଡି କହିଥିଲେ, ଶାସକ ଦଳର ସ୍ଥାନୀୟ ବିଧାୟକ ନିଜ ଦଳର କର୍ମୀଙ୍କୁ ନେଇ ରାଜ୍ୟ ସଭାପତିଙ୍କ ନିକଟରେ ମିଛ ପ୍ରଶଂସା ଆଣୁଛନ୍ତି। ଉପରୋକ୍ତ ଦୁଇ ଗ୍ରାମବାସୀ ଯେପରି କଂଗ୍ରେସକୁ ଆପଣାଇଛନ୍ତି, ସେଥିରୁ ବିଜେଡି ପ୍ରତି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେଉଛି। ବୈଠକରେ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷା ବିମଳା ପାଙ୍ଗି, ସେମିଳିଗୁଡ଼ା ବ୍ଲକ ଜୋନ-୧ର ସଭାପତି ଜଗତ ରିଏ ଖିନିବୁଡି, ଜୋନ ୨ର ସଭାପତି ସନିଆ ମାଝି, ପିସିସି ସଭ୍ୟ ଗୁପ୍ତଶଙ୍କର ପଟ୍ଟନାୟକ, ଅର୍ଜୁନ ବାଙ୍କା, ସୁରେଶ ଗୁଡି, ଜିଲା ଆଦିବାସୀ ସେଲ ସଭାପତି ମଦନ ପାମିୟା, ଉମେଲ ଜଗା, ପ୍ରଭାକର ସାହୁ, ଘେନୁ ନାରାଜି, ଗୋବିନ୍ଦ ଖରା, ତ୍ରିନାଥ ପାଙ୍ଗି, ଜଗତରାଏ ଖରା, ଗେମେଲ କତାନାଙ୍କ ସମେତ ପୋଡାପଦର ଗ୍ରାମର ଜଗୁ ତାରୁପୁ, ଚପାଡି ଗୋପୀ, ବଳରାମ ମାଝି, ପାଣ୍ଡୁ ମାଝି ଓ କନ୍ୟା ଜିରୁ ଉପସ୍ଥିତ ଥିଲେ।



ରାମଚନ୍ଦ୍ର କାଡାମଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି କର୍ମୀମାନେ।

## ପୂଜା ପାଇଲେ ଶିକ୍ଷକ

**ବୋରିଗୁମ୍ମା,୫।୯(ଡି.ଏନ୍.ଏ.)**

ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ବାବୁ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ପିଲାମାନେ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରିଥିଲେ। ସରସ୍ୱତୀ ଶିଶୁମନ୍ଦିରରେ ଅତିଥି ଭାବେ ଶିକ୍ଷକ ଗଗନ ମହାନ୍ତି ଯୋଗଦେଇ ଗୁରୁଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସେଠାରେ ବରିଷ୍ଠ ନାଗରିକ ଦେବଦତ୍ତମ ଦୋରା, ଉପସଭାପତି ପ୍ରଫୁଲ୍ଲ ଦଣ୍ଡସେନା, ସମ୍ପାଦକ ତଥା ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା, କବିବର ନାୟକ, ସହ ପ୍ରଧାନ ଆଚାର୍ଯ୍ୟ ନିରୁପମା ମିଶ୍ର, ମମତା ମହାପାତ୍ର, ଗୀତାଞ୍ଜଳି ବେହେରା ଯୋଗ ଦେଇଥିଲେ।

ସ୍ଥାନୀୟ ଡିଏଭି ଇଂରାଜି ବିଦ୍ୟାଳୟରେ ଶିକ୍ଷାବିତ୍ ଡ. ପି. ତ୍ରିନାଥ ରାଓଙ୍କ ଉପସ୍ଥିତିରେ ପିଲାମାନେ ଗୁରୁବନ୍ଦନ କରିଥିଲେ। ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକ, ଶିକ୍ଷକ ଡ. ରଜତ ଷଡ଼ଙ୍ଗୀ, ସୀମାଞ୍ଚଳ ଦାଶ, ଗୌରୀ ସାମନ୍ତରାୟଙ୍କ ଉପସ୍ଥିତିରେ ପିଲାମାନେ ପୂଜାର୍ଚ୍ଚନା କରି ଗୁରୁଦିବସ ପାଳିଥିଲେ।

# ଶିବିରରୁ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ କରୁଛନ୍ତି ଜଣେ ସ୍ୱେଚ୍ଛାସେବୀ।

**କୋରାପୁଟ,୫।୯(ସ୍ୱ.ପ୍ର.)**

ଗୁରୁ ଦିବସ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ବୁଧବାର କୋରାପୁଟ ସରକାରୀ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ୧୧୫ ୟୁନିଟ ରକ୍ତ ସଂଗ୍ରହ କରିଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଓ ରେଡକ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶିବିରର ଶୁଭାରମ୍ଭ କରିଥିଲେ। କୋରାପୁଟ ବ୍ଲଡବ୍ୟାଙ୍କ ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ତତ୍ତ୍ୱାବଧାନରେ ବ୍ଲଡବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଯୁବ ରେଡକ୍ରସ ସଂପାଦକ ଡ. ପ୍ରକାଶ ପ୍ରଧାନ ଶିବିର ପରିଚାଳନା ଓ ଏନଏସ୍‌ଏସ୍‌ର ଡ. ଶିବରାମ ବଡ଼ରଇତ, ଡ. କୈବଲ୍ୟ କୁମାର ବେହେରା, ଡ. ସୁଶିଲ କୁମାର ଗଡନାୟକ, ଦୀପକ ପଟ୍ଟନାୟକ, ତପନ ବେହେରା ସହଯୋଗ କରିଥିଲେ ।

# ଗୁରୁଙ୍କ ଆଶିଷ ଭିକ୍ଷାକଲେ ବିଦ୍ୟାର୍ଥୀ

**କୋରାପୁଟ/ଜୟପୁର, ୫।୯(ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)**

କୋରାପୁଟ ସହରର ଟାଲେଣ୍ଟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମାନସ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ ଯୋଗ ଦେଇଥିଲେ। ସେହିପରି ବିଜ୍ଞାନ ଇଣ୍ଟରନ୍ୟାସନାଲ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସୁବ୍ରତ ମିଶ୍ର ଯୋଗ ଦେଇଥିଲେ।

ଜୟପୁର ସ୍ଥିତ ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନିୟର ରେଡକ୍ରସ ଜିଲା ସଂପାଦକ ଯଜ୍ଞେଶ୍ୱର ପଣ୍ଡା ଯୋଗ ଦେଇଥିଲେ । ଶାରଦାବିହାର ସରସ୍ୱତୀ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଗୁରୁ ଦିବସ ଆୟୋଜିତ ହୋଇଛି। ଏଥିରେ ପରିଚାଳନା କମିଟି ସଭାପତି ଇଂ. ନରେଶନାଥ ନାୟକ, ସଂପାଦକ ସତ୍ୟପ୍ରିୟ ସୁଆର, ଉପସଭାପତି ବିନୋଦିନୀ ସାନ୍ତ୍ରାପାତ୍ର, ଯୁଗ୍ମ ସଂପାଦକ ପଙ୍କଜ ପାତ୍ର, କୋଷାଧ୍ୟକ୍ଷ ପରମେଶ୍ୱର ପାତ୍ର ଉପସ୍ଥିତ ଥିଲେ। ଜୟପୁର ମଡର୍ନ ଇଂରାଜି ବିଦ୍ୟାଳୟ ପକ୍ଷରୁ ଗୁରୁ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜୟପୁର ବ୍ଲକ ଅନ୍ତର୍ଗତ ଟି. ଫୁଲବାଡ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ସାବତଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ର ଗୁରୁ ଦିବସ ପାଳିଥିଲେ।

**କୁନ୍ଦୁରା,(ଡି.ଏନ୍.ଏ):** ସାଗରଗୁଡ଼ା ଶିକ୍ଷକ ଭବନଠାରେ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନଙ୍କ ନେତୃତ୍ୱରେ ଗୁରୁ ଦିବସ ପାଳିତ ହୋଇଛି। ସଂଘ ସମ୍ପାଦକ ନୟନ ବିଷୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମୋହିନି, ଈଶ୍ୱର ପ୍ରସାଦ ତିୱାରୀ, ରାଧାବିନୋଦ ସାମନ୍ତରା, ବନବାସିନୀ ପତି ଏବଂ ସୁପ୍ରଭା ବାବିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ମୃତ୍ୟୁବରଣ କରିଥିବା ୪ ଜଣ ଶିକ୍ଷକ ପର୍ଶୁରାମ ମୁଦୁଲି, ସୁଭାସ ବାରିକ୍, ପ୍ରକାଶ ସେଠୀ ଏବଂ ଈଶ୍ୱର ଡ଼ାକୁଆଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ ଶିକ୍ଷକ କଲ୍ୟାଣ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ବିଡିଓ ଶ୍ରୀକାନ୍ତ ଜାନି, ଏବିଡିଓ ତିଲୋତ୍ତମା ଗରଡ଼ା, ଅରବିନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିପତି ଗୁରୁ ଉପସ୍ଥିତ ଥିଲେ।

**ଦାମନଯୋଡ଼ି (ଡି.ଏନ୍.ଏ) :** ନାଲ୍‌କୋ ଟାଉନ୍‌ସିପ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି, ମହାପ୍ରବନ୍ଧକ ରାଜୀବ ମିଶ୍ର, ରମେଶ ଚନ୍ଦ୍ର ଯୋଶୀ, ନାଲ୍‌କୋ ମହିଳା କ୍ଲବ୍ ସଭାନେତ୍ରୀ ସୀମା ମହାନ୍ତି, ସ୍କୁଲ୍ ଅଧ୍ୟକ୍ଷା ଦୀପାନ୍ୱିତା ଦାସ ଗୁରୁଶିଷ୍ୟ ପରମ୍ପରାର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାର୍ଥକ ପାଇକରାୟ, ଶ୍ରେୟା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋ ଟାଉନସିପ୍ ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗୁରୁ ଦିବସରେ ସଭାପତି ରବିଶଙ୍କର ଦାଶ, ସମ୍ପାଦକ ଅଶୋକ ନାୟକ, ସ୍କୁଲ ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତି ପ୍ରମୁଖ ଯୋଗ ଦେଇଥିଲେ।

**ଦଶମନ୍ତପୁର**(ଡି.ଏନ୍.ଏ)**:**ବଳଦି କୁଡୁମା ସେବାଶ୍ରମରେ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍‌ଙ୍କ ସ୍ମୃତିଚାରଣ କରାଯାଇଛି। ସେହିପରି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାଣ୍ଡୁଆଗୁଡ଼ା ବିଦ୍ୟାଳୟ, ଆର୍‌କେଏ କଲେଜ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେଡ଼ୋଣ୍ଡାବାଡ଼ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି।

# ଡିଏଭି ହାଇସ୍କୁଲରେ ଗୁରୁ ଦିବସ

**ସୁନାବେଡ଼ା,୫।୯(ଡି.ଏନ୍.ଏ)**

ହାଲ୍‌ସ୍ଥିତ ଡି.ଏ.ଭି ଉଚ୍ଚବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ଏହି ଅବସରରେ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସରଳା ବେହେରା ପିଲାମାନଙ୍କୁ ମାନବିକତା ଏବଂ ଚରିତ୍ର ଗଠନ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ଦାସ ଛାତ୍ରୀଛାତ୍ରଙ୍କ ଆଗାମୀ ଭବିଷ୍ୟତ ଉପରେ ମତ ରଖିଥିଲେ। ଗୁଣାତ୍ମକ ଶିକ୍ଷା ଏବଂ ବର୍ତ୍ତମାନ ଶିକ୍ଷାର ଦିଗ ଉପରେ ଆଲୋକପାତ କରିଥିଲେ ଶିକ୍ଷୟିତ୍ରୀ ସୁରଞ୍ଜିତା ପଟ୍ଟନାୟକ । ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପୃଷ୍ଟି, ପୂର୍ବତନ ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଅଭିପ୍ସା ସ୍ୱାଇଁ, ଅନିକେତ ନାଏକ, ଦିଲ୍ଲୀପ ପାତ୍ର, ପ୍ରଦୀପ ଦାସ ଏବଂ ହରପ୍ରିୟା ମହାନ୍ତି ପ୍ରମୁଖ ଅଭିଭାଷଣ ରଖିଥିଲେ।




କୋଲାବନଗରରେ ପୂଜ୍ୟପୂଜା କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।



କୋରାପୁଟସ୍ଥିତ ଟ୍ୟାଲେଣ୍ଟ ମହାବିଦ୍ୟାଳୟରେ ଗୁରୁଦିବସ ପାଇଁ ଉପସ୍ଥିତ ଛାତ୍ରୀମାନେ।



ଜୟପୁର ଶାରଦାବିହାର ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରୀମାନେ ଗୁରୁଙ୍କୁ ପୂଜା କରୁଛନ୍ତି।



ଦଶମନ୍ତପୁର ବ୍ଲକର ଏକ ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଉଛି।



ସୁନାବେଡ଼ା ଡିଏଭି ହାଇସ୍କୁଲରେ ଗୁରୁଦିବସ କାର୍ଯ୍ୟକ୍ରମ।




ଦାମନଯୋଡ଼ି ଡିପିଏସ୍‌ରେ ଗୁରୁଦିବସ କାର୍ଯ୍ୟକ୍ରମ।



ବୋରିଗୁମ୍ମାରେ ଗୁରୁଦିବସ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ କେକ୍ କାଟୁଛନ୍ତି।

## ସଂକ୍ଷେପରେ

### ସଙ୍କୁଳସ୍ତରୀୟ କ୍ରୀଡାରେ ଶିଶୁ ମନ୍ଦିରକୁ ୧୫ ପଦକ

ଟିକିରି, ୫।୯(ଡି.ଏନ୍.ଏ.):ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ସଙ୍କୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ୨ ତାରିଖରେ ଜେକେପୁରଠାରେ ଅନୁଷ୍ଠିତ ସଙ୍କୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଟିକିରି ଶିଶୁ ବିଦ୍ୟାମନ୍ଦିରର ୧୬ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ୧୧ଜଣ ଦ୍ୱିତୀୟ ଓ ୪ଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗୁରୁଜୀ ବଦ୍ରି ନାରାୟଣ ମାଦଳା ଓ ଗୁରୁମା ସାଗରିକା ଦାଶଙ୍କ ତତ୍ତ୍ୱାବଧାନରେ ଏହି ଟିମ୍ ଜେକେପୁର ଯାଇଥିଲା। ଏହା ସ୍କୁଲ ପାଇଁ ଏକ ବଡ ସଫଳତା ବୋଲି ଗୋବିନ୍ଦ ଦୋରା ଓ ଲିଜାରାଣୀ ଝୋଡ଼ିଆ କହିଛନ୍ତି।

### ୪ ବାଇକ୍‌କୁ ଧକ୍କା ଦେଲା ବୋଲେରୋ



କାଶୀପୁର, ୫।୯(ଡି.ଏନ୍.ଏ.): କାଶୀପୁର ମୁଖ୍ୟରାସ୍ତାରେ ବୁଧବାର ଏକ ବୋଲେରୋ ଗାଡି ୪ ବାଇକ୍‌କୁ ଧକ୍କା ଦେଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ବାଇକ୍‌ଗୁଡିକ ଭାଙ୍ଗିରୁଜି ଯାଇଛି। ଡ୍ରାଇଭର ଜଣଙ୍କ ନିଶାଶକ୍ତ ଅବସ୍ଥାରେ ଏଭଳି କାଣ୍ଡ ଭିଆଇଥିବା ଜଣାପଡିଛି। ପ୍ରକାଶ ଯେ, ଏକ ବୋଲେରୋ ଗାଡି (ଓଡି-୦୮ଏଫ୍-୧୪୭୫) ନେଇ କାଶୀପୁର ଯାଉଥିବା ବେଳେ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ୪ବାଇକ୍ ଉପରେ ଚଢାଇ ଦେଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଗାଡିକୁ ଜବତ କରିଛି। ବୋଲେରୋଟି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମହୋନଗିରି କୃଷ୍ଣସ୍ୱର ଗୌଡଙ୍କ ବୋଲି ଜଣାପଡିଛି।

### ପ୍ରଭାରୀ ଅଧିକାରୀଙ୍କ କାଶୀପୁର ବ୍ଲକ ଗସ୍ତ

କାଶୀପୁର, ୫।୯(ଡି.ଏନ୍.ଏ.): କାଶୀପୁର ବ୍ଲକକୁ ବୁଧବାର ଆଜି ପ୍ରଭାରୀ ଅଧିକାରୀ ସତ୍ୟବ୍ରତ ସାହୁ ଗସ୍ତ କରି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିଛନ୍ତି। ସେ ପ୍ରଥମେ ଶଙ୍କରଡା ଗ୍ରାମକୁ ଯାଇ ଅଙ୍ଗନୱାଡି କେନ୍ଦ୍ର, ପାଣି, ବିଦ୍ୟୁତ ସେବା ବୁଲି ଦେଖିଥିଲେ। ଏହାପରେ ଥୁଟିବର ଆଶ୍ରମକୁ ଯାଇଥିଲେ। ପରେ ଥୁଟିବର କଲୋନୀରେ ହୋଇଥିବା ଆମ୍ବ ପ୍ଲାଣ୍ଟେସନ ଦେଖି ଗରଖିପୁର ସ୍କୁଲର ଲେଡିସ ହଷ୍ଟେଲ ବୁଲିଦେଖି ଥିଲେ। ପରେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନିରାମୟ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ପିଏଆଇଟିଡିଏ ଟୁକୁ ବାରି, କାଶୀପୁର ବିଡିଓ ବେଦଧର ପ୍ରଧାନ,ଏବିଡିଓ ବଳରାମ ପାତ୍ର ଉପସ୍ଥିତ ଥିଲେ।

### ସିପିଆଇଏମ୍ଏଲ୍‌ର କର୍ମୀ ସମ୍ମିଳନୀ




ଗୁଣପୁର,୫।୯(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁରର ବିଜୁ କଲ୍ୟାଣ ମଣ୍ଡପରେ ବୁଧବାର ସିପିଆଇଏମ୍ଏଲ୍‌ର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲା ସମ୍ପାଦକ ତ୍ରିପତ୍ରି ଗମାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଦେଶ ଭଟ୍ଟାଚାର୍ଯ୍ୟ, କେନ୍ଦ୍ର କମିଟି ସଦସ୍ୟ ବି.ବାଙ୍ଗାରି ରାଓ, ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଜ୍ୟ କମିଟି ସଦସ୍ୟ ବିଦ୍ୟାଧର ପାତ୍ର, ମୁରଲୀ ବେହେରା, ଜୟନ୍ତ ଦାସ, ରାମଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ବିଡିକା, ସମ୍ବରା ଶବର, ଯେମଶ ଶବର, ଦାମୋଦର ଶବର, ଡାନିଏଲ ଶବର, ସୋମନାଥ ମାଝି, ଲକ୍ଷ୍ମୀକାନ୍ତ ମିଶାଲ, ଅନାଶିମ ଶବର, କରୁଣାକର ଲିମା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

---

■ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୫ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ମିଳିଲା ବିଭିନ୍ନ ସହାୟତା

ରାୟଗଡା ଅଫିସ/ବିଷମକଟକ, ୫।୯(ଡି.ଏନ୍.ଏ.)

ବିଷମକଟକ ବ୍ଲକ ଅଧୀନ ଦୁର୍ଗୀ ଗ୍ରାମରେ ଗତ ରବିବାର ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଗ୍ରାମର ୫ଜଣଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ରାଜ୍ୟ ସରକାରଙ୍କ ଏକ ଟିମ୍ ମୃତକଙ୍କ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ଲୋକସଭା ଏମ୍‌ପି ଝିନ୍ନ ହିକ୍‌କା, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ଜିଲାପାଳ ଗୁହାପୁନମ ତାପସ କୁମାର, ରାଜ୍ୟ ଯୋଜନ ବୋର୍ଡ ସଦସ୍ୟ ସୁଧୀର ଦାସ, ରାଜ୍ୟ ଖଦିବୋର୍ଡ଼ ସଦସ୍ୟ ପୃଥ୍ୱୀରାଜ ସାହୁ, ଗୁଣପୁର ଉପଜିଲାପାଳ ଅମ୍ରିତ ରତୁରାଜ, ଭାରପ୍ରାପ୍ତ ବିଡ଼ିଓ ଗୁଲାମ ମକସଦ ପ୍ରମୁଖ ଦୁର୍ଗୀ ପାଇକ



ଜିଲାପାଳ ଜଣେ ମୃତକଙ୍କ ପରିବାରକୁ ଚେକ୍ ପ୍ରଦାନ କରୁଛନ୍ତି।

ସାହିରେ ପହଞ୍ଚି ମୃତ ସୂର୍ଯ୍ୟନାରାୟଣ ପାତ୍ରେ, ବଂଶୀଧର ପାତ୍ରଙ୍କ ଘରକୁ ଯାଇ ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହା ସହିତ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨ ଜଣଙ୍କୁ ୨ ହଜାର ଟଙ୍କା, ୪ ଜଣଙ୍କୁ ବିଜୁ ପକ୍କାଘର ଯୋଜନାରେ ୧ ଲକ୍ଷ ୩୦ ହଜାର ଟଙ୍କା, ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ୯୫ ଶ୍ରମ ଦିବସ ପାଇଁ ୧୮ ହଜାର ୭୦୦ ଟଙ୍କା, ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା, ନିର୍ମାଣ ଶ୍ରମିକ ଯୋଜନାରେ ବନିତା ଟାକ୍ରୀଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା ଏବଂ ବିଧବା ଭତ୍ତା ପ୍ରଦାନ କରାଯାଇଛି। ଏହା ପୂର୍ବରୁ ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ବିଡ଼ିଓଙ୍କ ଜରିଆରେ ରେଡ଼କ୍ରସ ଅନୁଦାନ ରାଶିରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହାପରେ ଲାଞ୍ଜି ଗ୍ରାମରେ ସମସ୍ତେ ପହଞ୍ଚି ମୃତ ମହିଳା ଶ୍ରମିକ ରଶ୍ମିତା ଉଲ୍ଲାକା ଓ ବୈରାଗୀ କଲକଙ୍କ ପରିବାରକୁ ଭେଟି ସମବେଦନ ଜଣାଇବା ସହ ସେମାନଙ୍କୁ ମଧ୍ୟ ସହାୟତା କରିଛନ୍ତି। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟା ଶାନ୍ତି କୁମୁରୁକା, ଉପାଧ୍ୟକ୍ଷ ରମେଶ ପାଲକା, ଗୁଣୁପୁର ଜିଲା ପରିଷଦ ଆଶ୍ୱୀନ ଗମାଙ୍ଗ, ଜ୍ୟୋତି ସାହୁ, ନାନୁ ପଣ୍ଡା, ଯୁବ ବିଜେଡ଼ିର ଗୋଦାବରୀ ରାଉତ, ପିଙ୍କୁ ପଣ୍ଡା, ଡ଼ି. ସିବା, ଦୁର୍ଗୁ ସରପଞ୍ଚ ଆଲୋକ ଦାଶ, ବିଜୁଯୁବ ବାହିନୀର କୁନୁ ନାୟକ, ବିକି, ହରି ପାତ୍ର, ଚିନା ପଟନାୟକ, ପ୍ରମୋଦ ପ୍ରମୁଖ ଉପସ୍ଥିତ ଥିଲେ।

---

■ମାଓବାଦୀ ବିରୋଧୀ ପୋଷ୍ଟର

# 'ବିକାଶ କର, ନଚେତ୍ ରାୟଗଡ଼ା ଛାଡ଼'

ବିଷମକଟକ, ୫।୯(ଡି.ଏନ୍.ଏ.)

କିଛିଦିନ ତଳେ ଗିରଫ ମାଓବାଦୀଙ୍କୁ ମୁକ୍ତ କରିବାକୁ ବଘୁନା ଡିଭିଜନ ପକ୍ଷରୁ କଲ୍ୟାଣସିଂହପୁରରେ ଲାଗିଥିବା ମାଓବାଦୀ ପୋଷ୍ଟର ଏବଂ ବ୍ୟାନରକୁ ବିରୋଧ କରି ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ଅଭିଯାନ ପକ୍ଷରୁ ବିଷମକଟକର ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର ଲଗାଯାଇଛି। ମାଓବାଦୀ ରାୟଗଡାରେ ତୁମ ଦାଦାଗିରି ଆଉ ଚଳିବ ନାହିଁ, ମିଛ ବିପ୍ଳବ ନାମରେ ରାୟଗଡାରେ ଆଦିବାସୀଙ୍କ ହତ୍ୟା ଏବଂ ସେମାନଙ୍କ ବିକାଶକୁ ବିରୋଧ କରି ବିସ୍ଫୋରଣ, ପୋଡାଜଳା, ରାସ୍ତାରୋକୋ ଆଉ ଚାଲିବ ନାହିଁ, ଯଦି ରାୟଗଡାବାସୀଙ୍କ ବିକାଶ ଚାହଁ, ତେବେ ବନ୍ଧୁକ ଛାଡି ବିକାଶ କର ନଚେତ ରାୟଗଡା ଛାଡ଼, ତୁମପାଇଁ ଜିଲାର ବିକାଶ ଅସମ୍ଭବ, ତେଣୁ ଜିଲାକୁ ମାଓବାଦୀମୁକ୍ତ କରିବାକୁ



ବିଷମକଟକର ଏକ ସ୍ଥାନରେ ଲାଗିଥିବା ମାଓବାଦୀ ବିରୋଧ ପୋଷ୍ଟର।

ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ନକ୍ସଲ ମୁକ୍ତ ରାୟଗଡା ଶକ୍ତିଶାଳୀ ଏବଂ ବିକଶିତ ରାୟଗଡା ଗଠନ ପାଇଁ ଆମକୁ ସହଯୋଗ କରନ୍ତୁ, ବଘୁନା ଡିଭିଜନାଲ କମିଟି ମୁର୍ଦାବାଦ ବୋଲି ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ଅଭିଯାନ ପକ୍ଷରୁ ଲଗାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି।

---

# ସବୁଠି ଗୁରୁଙ୍କ ପଦ ବନ୍ଦନା

ରାୟଗଡା ଅଫିସ, ୫।୯(ଡି.ଏନ୍.ଏ.)

ରାୟଗଡା ସହର ଗାୟତ୍ରୀନଗରସ୍ଥିତ ସରସ୍ୱତି ବିଦ୍ୟାମନ୍ଦିରରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଅଖିଳ ଭାରତୀୟ ବୈଦିକ ଗଣି ସହ ସଂଯୋଜକ ପ୍ରଶନ୍ନ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଗୁରୁମା ଓ ଗୁରୁଜୀଙ୍କୁ ପୂଜା କରି ସେମାନଙ୍କ ଆର୍ଶିବାଦ ନେଇଥିଲେ। ଅନ୍ୟ ସ୍କୁଲରେ ମଧ୍ୟ ଏହି ଗୁରୁଦିବସ ପାଳନ କରାଯାଇଛି। ରାୟଗଡା ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗୁରୁ ଦିବସରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ମୁଖ୍ୟ ପରାମର୍ଶଦାତା ଲକ୍ଷ୍ମୀକାନ୍ତ ମିଶ୍ର ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଧୀରେନ୍ଦ୍ର ମିଶ୍ର, ହୃଷିକେଶ ପାତ୍ର, ଦିଲୀପ ପ୍ରଧାନଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ରାୟଗଡା ସହର ନିୟୁ କଲୋନୀସ୍ଥିତ ସେଣ୍ଟ ଜାଭିୟର




ସେଣ୍ଟ ଜାଭିୟର୍ସ ସ୍କୁଲରେ ଗୁରୁଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମ।

ସିନିୟର ସେକେଣ୍ଡାରୀ ସ୍କୁଲରେ ଗୁରୁଦିବସ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିରଞ୍ଜନ ବକ୍ସିପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟା ଯାଇଥିଲା। ନିକଟସ୍ଥ ଶିରିଗୁଡା ଓ କଣ୍ଟାଗୁଡା ଗ୍ରାମ ସଫେଇ କରିବେ ବୋଲି ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାୟଗଡା ଜିଲା ଶାଖା ତରଫରୁ ବୁଧବାର ସ୍ଥାନୀୟ ଅମଲା ସଂଘ କାର୍ଯ୍ୟାଳୟ ପରିସରରେ ଗୁରୁଦିବସ ପାଳିତ ହୋଇଛି। ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ ରଜନୀକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ପୌର ପରିଷଦର ବରିଷ୍ଠ କାଉନ୍‌ସିଲର ମଞ୍ଜୁଶ୍ରୀ ମୁଖାର୍ଜୀ, ସଂଘ ଉପଦେଷ୍ଟା ମନୋଜ କୁମାର ଗନ୍ତାୟତ, ସଂଘର ଜିଲା ସଭାପତି ଅନନ୍ତ ଚରଣ ରଥ, ସମ୍ପାଦକ ପ୍ରକାଶ ପାଣିଗ୍ରାହୀ, ରାଜ୍ୟ ସଂଘ ଉପସଭାପତି ଦାଶରଥି ରାଜଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ବିଭିନ୍ନ ବ୍ଲକରେ ଗତ ସେପ୍ଟେମ୍ବର ୨୦୧୭ରୁ ଚଳିତ ଅଗଷ୍ଟ ମାସ ମଧ୍ୟରେ ଚାକିରିରୁ ଅବସର ନେଇଥିବା ପ୍ରାୟ ୩୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ନୀଳାଞ୍ଚଳ ପଣ୍ଡା, ଶିବରାମ ମିଶ୍ର, ସୁଶାନ୍ତ ସ୍ୱାଇଁ, ଫକିର ଦାସ, ପ୍ରଭାକର ମିଶ୍ର, ଗୌରାଙ୍ଗ ବେବର୍ତ୍ତା, ତ୍ରିପତି ପଣ୍ଡା ଉପସ୍ଥିତ ରହି ପରିଚାଳନା କରିଥିଲେ। ବିଦ୍ୟୁତ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

---

## ଟ୍ରକ୍ ମାଲିକ ସଂଘ ନିର୍ବାଚନ

ରାୟଗଡ଼ା ଅଫିସ, ୫।୯

ମା' ମଝିଘରିଆଣି ଲୋକାଲ ଟ୍ରକ ମାଲିକ ସଂଘର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଛି। ଧନି ନାୟକ ସଭାପତି, ଜଗଦୀଶ ପଣ୍ଡା ଉପସଭାପତି, ଯୁଗ୍ମ ସମ୍ପାଦକ ଭାବେ ଚନ୍ଦ୍ରଶେଖର ସ୍ୱାଇଁ ବିଜୟୀ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ପ୍ରଭାକର ମହାରଣା ଓ କୋଷାଧ୍ୟକ୍ଷ ଭାବେ ସୁନିଲ କୁମାର ପାତ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ସଭାପତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜି. ରାମ ମୋହନାଙ୍କଠାରୁ ୨୫ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିଭଳି ଉପସଭାପତି ଜଗଦୀଶ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କେ. ସୁରେଶଙ୍କଠାରୁ ୮୫ ଖଣ୍ଡ ଅଧିକ ଭୋଟ ପାଇଥିବାବେଳେ ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ସ୍ୱାଇଁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ସ୍ୱାଇଁଙ୍କଠାରୁ ୭ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ୧୪୦ ଜଣ ଟ୍ରକ ମାଲିକଙ୍କୁ ନେଇ ସଂଘ ଗଠନ ହୋଇଥିବା ବେଳେ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ନିର୍ବାଚନକୁ ଆଇନଜୀବୀ କିଶୋର କୁମାର ସାହୁ ଓ ରଜତ ରଞ୍ଜନ ଖଟୁଆ ପରିଚାଳନା କରିଥିଲେ।

---

# ଯୁବପିଢ଼ି ଆତ୍ମନିର୍ଭରଶୀଳ ହୁଅ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାୟଗଡ଼ା ଅଫିସ, ୫।୯

ରାୟଗଡ଼ା ଆଞ୍ଚଳିକ ଶିଳ୍ପକେନ୍ଦ୍ର ଓ ଏମ୍ଏସ୍ଏମ୍ଇ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାୟଗଡ଼ା ବ୍ଲକ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସରକାରୀ ନିଯୁକ୍ତି କ୍ଷେତ୍ରରେ ଆଜିକାଲି ଯେଉଁଭଳି ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି, ତାହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଯୁବତୀ ଯୁବକ ଆତ୍ମନିର୍ଭରଶୀଳ ହୋଇ ନିଜ ଗୋଡ଼ରେ ନିଜେ ଛିଡା ହେବା ପାଇଁ ପରାମର୍ଶ ଦେଇଥିଲେ। ଶିଳ୍ପ କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଥିବା ବ୍ୟାଙ୍କ ଋଣକୁ ନେଇ ନିଜେ ଜଣେ ଉଦ୍ୟୋଗୀ ହେବା ସହ ଅନ୍ୟକୁ ରୋଜଗାର ଦେବାକୁ ଉପସ୍ଥିତ ହିତାଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଞ୍ଚଳିକ କେନ୍ଦ୍ର ମହାପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ପରିଡା ଯୋଗଦେଇ, ଯେତେସବୁ ଶିଳ୍ପ ଗଡ଼ି ଉଠିଛି ତାହା ପ୍ରଥମେ ଛୋଟରୁ ଆରମ୍ଭ ହୋଇଥାଏ। ତେଣୁ ଛୋଟ ଉଦ୍ୟୋଗରୁ କାମ ଆରମ୍ଭ କଲେ ମଧ୍ୟ ଭବିଷ୍ୟତରେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ ବୋଲି ସେ କହିଥିଲେ। ଗତ ୨୨ରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ବିଭିନ୍ନ ଋଣ ପାଇଁ ଆବେଦନ କରିଥିବା ୩୦ ଜଣ ହିତାଧିକାରୀଙ୍କୁ ଶିଳ୍ପାନୁଷ୍ଠାନ ଗଢିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ଏସ୍ଏମ୍ଇ ନିର୍ଦ୍ଦେଶକ ଏନ୍.କେ. ରତ୍ନମ୍, ଏସ୍‌ବିଆଇ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ରାଧାକାନ୍ତ ରାଉତରାୟ, ଶିଳ୍ପକେନ୍ଦ୍ର ସହକାରୀ ପ୍ରବନ୍ଧକ ମୋହନ ଶବର, ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ପ୍ରମୋଦ କୁମାର ପ୍ରଧାନ, ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ପି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। । ଶିବିରକୁ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଆଇପିଓ ସବ୍ୟସାଚୀ ସାହୁ ପରିଚାଳନା କରିଥିଲେ।

---

■ଗୁରୁଦିବସ ପାଳନ ସମୟରେ ଅଭାବନୀୟ ଘଟଣା

# ଶିକ୍ଷକଙ୍କ ମଧ୍ୟରେ ପାଟିତୁଣ୍ଡ, ପ୍ରଧାନ ଶିକ୍ଷକ ଅଚେତ

ପଦ୍ମପୁର,୫।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅଧୀନ ଗୁଡ଼ିଆବନ୍ଧ ବସନ୍ତଦେବୀ ବିଦ୍ୟାପୀଠରେ ଗୁରୁ ଦିବସରେ ଅଭାବନୀୟ ଘଟଣା ଘଟିଛି। ଗୁରୁ ଦିବସ ପାଳନ ଅବସରରେ ଶିକ୍ଷକଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା। ଏହି ସମୟରେ ପ୍ରଧାନ ଶିକ୍ଷକ ଅଚେତ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି।

ଘଟଣା ଅନୁସାରେ, ବସନ୍ତଦେବୀ ବିଦ୍ୟାପୀଠରେ ଗତ କିଛି ଦିନ ଧରି ହଷ୍ଟେଲ ପରିଚାଳନାକୁ ନେଇ ଅଶାନ୍ତି ଲାଗି ରହିଛି। ତେବେ ବୁଧବାର ଗୁରୁ ଦିବସ ପାଳନ ବେଳେ ଶିକ୍ଷକଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ଏବଂ ବଚସା ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଶତପଥୀ ଓ କ୍ରୀଡ଼ା ଶିକ୍ଷକ ମୁରଳିଶ୍ୱର ଓଡ଼ି ପରସ୍ପରକୁ ଦୋଷାରୋପ କରିଥିଲେ। ଏହାକୁ ନେଇ ଏଠାରେ କୋଳାହଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଧାନ ଶିକ୍ଷକଙ୍କ କହିବା ଅନୁସାରେ, କ୍ରୀଡ଼ା ଶିକ୍ଷକ ଅଶାଳୀନ ଭାଷା ବ୍ୟବହାର କରି ଅନ୍ୟ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ପାଟିତୁଣ୍ଡ କରୁଥିଲେ। ବ୍ଲଡ଼ପ୍ରେସର ଥିବାରୁ ହଠାତ୍ ନିୟନ୍ତ୍ରଣ ହରାଇ ଅଚେତ ହୋଇପଡ଼ିଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ କ୍ରୀଡ଼ା ଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ଆକ୍ରମଣ କରାଯିବାକୁ ଚେଷ୍ଟା ଚାଲିଥିଲା । ସେ ସେଠାରୁ ପଳାଇ ଆସିଥିଲେ। ଏ ସମ୍ପର୍କରେ ସେ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହାର ନକଲ ମଧ୍ୟ ସେ ଗଣମାଧ୍ୟମକୁ ପଠାଇଛନ୍ତି। କିନ୍ତୁ ଥାନାଧିକାରୀ କରୁଣାକର ରାଉତଙ୍କ ସହ ଯୋଗାଯୋଗ କରାଯିବାରୁ, ଥାନାରେ ଏପରି କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରାଯିବାରୁ ସେ କହିଛନ୍ତି , ଦୀର୍ଘ ୬ ଘଣ୍ଟା ଧରି ପ୍ରଧାନ ଶିକ୍ଷକ ଡାକ୍ତରଖାନରେ ଚିକିତ୍ସିତ ହୋଇଥିବା ଘଟଣା ସମ୍ପର୍କରେ ଜାଣିଛନ୍ତି। କିନ୍ତୁ ତାଙ୍କୁ ଏ ବିଷୟରେ ବିଦ୍ୟାପୀଠ ତରଫରୁ କୌଣସି ସୂଚନା ଦିଆଯାଇନି ଏବଂ ଗୁରୁ ଦିବସରେ ଗୁରୁମାନଙ୍କ ଏଭଳି କାର୍ଯ୍ୟ ଦୁଃଖର ବିଷୟ ବୋଲି କହିଛନ୍ତି। ପଦ୍ମପୁର ଡାକ୍ତରଖାନାର ଡାକ୍ତର ପ୍ରତୀକ ଦାଶଙ୍କୁ ପଚାରିବାରୁ , ପ୍ରଧାନ ଶିକ୍ଷକଙ୍କ ବ୍ଲଡ଼ପ୍ରେସର ବଢ଼ିଯିବାରୁ ତାଙ୍କୁ ଅଚେତ ଅବସ୍ଥାରେ ଏଠାକୁ ଅଣାଯାଇଥିଲା। ଏଠାରେ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇଥିବା ପ୍ରତୀକ କହିଛନ୍ତି। ଏଭଳି ଘଟଣା କ'ଣ ପାଇଁ ଘଟିଲା, ଏହାର ତଦନ୍ତ ହେବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

---

# ବିଭିନ୍ନ ସ୍ଥାନରେ ଗୁରୁଦିବସ



ଟିକିରି ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ଗୁରୁଦିବସ ପାଳନ।



ମୁନିଗୁଡାରେ ଗୁରୁଦିବସ ପାଳନ କରାଯାଉଛି।




ଜିଆଇଇଟିରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୫।୯(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ବୁଧବାର ଗୁରୁ ଦିବସ ପାଳିତ ହୋଇଛ। ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ଶିକ୍ଷା ଅଧିକାରି ସୂର୍ଯ୍ୟ ନାରାୟଣ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟ ଭୂଷଣ, ଉପସଭାପତି ବି.ଲକ୍ଷ୍ମୀ ନାରାୟଣ,ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ସଂଯୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ଫକିର ମୋହନ ଗୌଡ ଏବଂ ଆଚାର୍ଯ୍ୟ ବୃନ୍ଦାବତୀ ବିଡିକା ଗୁରୁ ଦିବସ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ପଙ୍କଜ ସାହୁ ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ସେହିପରି ଉମ୍ପସରା ଡିଗ୍ରି କଲେଜ, ଗାନ୍ଧୀ ପବ୍ଲିକ ସ୍କୁଲ, ଗୁଣପୁରର ଡାଟା ପ୍ରୋ ସେଣ୍ଟର ସହ ସହରର ବିଭିନ୍ନ ସ୍କୁଲ ଏବଂ କଲେଜରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଜିଆଇଆଇଟିରେ ପାଳିତ ଗୁରୁ ଦିବସରେ ଗାନ୍ଧୀ ଗ୍ରୁପ ଅଧ୍ୟକ୍ଷ ଡ.ସତ୍ୟପ୍ରକାଶ ପଣ୍ଡା ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଡ.ଜଗଦୀଶ ପଣ୍ଡା, ଡିନ୍ ପ୍ରଶାସନିକ ଡ.ଏନ.ଭି.ଜେ ରାଓ ଉପସ୍ଥିତ ଥିବାବେଳେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ବିଭାଗୀୟ ମୁଖ୍ୟ ଡ.ଏ.ଭି.ଏଲ.ଏନ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପମୁଖ୍ୟ ଡ.ଦିଲୀପ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

**ଟିକିରି, (ଡି.ଏନ୍.ଏ.):** ଟିକିରି ସରସ୍ୱତୀ ଶିଶୁବିଦ୍ୟ ମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ଟିକିରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କୁସୁମାଞ୍ଜଳୀ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାଶୀପୁର ମହାବିଦ୍ୟାଳୟ ଓଡିଆ ଅଧ୍ୟାପିକା ସରୋଜିନୀ ନନ୍ଦ ମୁଖ୍ୟବକ୍ତାଭାବେ ଉପସ୍ଥିତ ରହି ଆଜିର ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଟିକିରି ନୂଆପଡା ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦର ନବନିର୍ବାଚିତ ସଭ୍ୟମାନଙ୍କୁ ଶପଥ ପାଠ କରାଇବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଉତ୍କଳ ଆଲୁମିନାର ଯୁଗ୍ମ ପ୍ରଶାସକ ନିଶାନ୍ତ ଶାହା, ଜିଏମ୍ ବାଣିଜ୍ୟ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ନବନିର୍ବାଚିତ ସଭ୍ୟମାନଙ୍କୁ ଶପଥ ପାଠ କରାଇଥିଲେ।

**ମୁନିଗୁଡା,(ଡି.ଏନ୍.ଏ.):** ମୁନିଗୁଡାର ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟା ଝରଣାରାଣୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ମୋହନରାଓ ପଟ୍ଟନାୟକ ଯୋଗ ଦେଇଥିଲେ। ମୁନିଗୁଡା ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ରୟାଲ ଏକାଡେମୀ, ଡନବୋସ୍କ ସ୍କୁଲ, ନିଶାଦ୍ରୀ ପବ୍ଲିକ ସ୍କୁଲ, ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲରେ ମଧ୍ୟ ଗୁରୁଦିବସ ପାଳିତ ହୋଇଛି।

**କଲ୍ୟାଣସିଂହପୁର,(ଡି.ଏନ୍.ଏ.):** ଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତରେ ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜା କରିଥିଲେ।

**କୋଲନରା, (ଡି.ଏନ୍.ଏ.):** କୋଲନରା ବ୍ଲକ ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ଗୁରୁମା ଗୁରୁଜୀଙ୍କୁପୂଜାକରିଆର୍ଶୀବାଦନେଇଥିଲେ। କୋଲନରା ଆଦର୍ଶ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ, ସେବାଶ୍ରମ, ପୂଜାରୀଗୁଡା ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣ ସାହି ପ୍ରାଥମିକ ବିଦ୍ୟାଳୟ, ବଡ ଖିଲାପଦର ଆଶ୍ରମ ବିଦ୍ୟାଳୟ, ପେନିକଣା ଉଚ୍ଚ ବିଦ୍ୟାଳୟ ଓ ଢେପ ସାହି ବିଦ୍ୟାଳୟରେ ଏହା ପାଳିତ ହୋଇଛି।

**ଜେକେପୁର, (ଡି.ଏନ୍.ଏ.):** ଚାନ୍ଦିଲି ପଞ୍ଚାୟତ ଜେକେପୁରରେ ଶିକ୍ଷକ କଲ୍ୟାଣ ସମିତି ପକ୍ଷରୁ ଗୁରୁଦିବସ ପାଳିତ ହୋଇଛି। ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁକାନ୍ତ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମ୍ପାଦକ ପ୍ରଦୀପ ନାୟକ ମଞ୍ଚ ପରିଚାଳନା କରିଥିଲେ। ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ନିରଞ୍ଜନ ଚୌଧୁରୀଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

ଧରିତ୍ରୀ DHARITRI
ରାୟଗଡ଼ା, ଗୁରୁବାର, ୬ ସେପ୍ଟେମ୍ବର,୨୦୧୮



## ସଂକ୍ଷେପରେ

### ଡାବୁଗାଁ ବ୍ଲକରେ ନୋଡାଲ ବୈଠକ

ଡାବୁଗାଁ, ୫।୯ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ସମ୍ମିଳନୀ କକ୍ଷ ଠାରେ ନୋଡାଲ ବୈଠକ ବିଡିଓ ଗୌରହରି ପାତ୍ରଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ନୋଡାଲ ଅଧିକାରୀ ଭାବେ ଯୋଗ ଦେଇ ବ୍ଲକରେ ଚାଲିଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ । ଏଥିରେ ଶିକ୍ଷା , ସ୍ୱାସ୍ଥ୍ୟ , କୃଷି , ଖାଉଟି କଲ୍ୟାଣ , ସମାଜ ମଙ୍ଗଳ , ସମାଜ କଲ୍ୟାଣ , ପ୍ରାଣୀ ସମ୍ପଦ , ମହିଳା ଓ ଶିଶୁ ବିକାଶ , ପ୍ରାଧାନ ମନ୍ତ୍ରୀ ଆବାସ ଯୋଜନା , ବିଜୁ ପକ୍କା ଘର ଓ ଏମଜିଏନଆରଇଜିଏସ ଯୋଜନା ରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ଗୁଡିକ ଉପରେ ସମୀକ୍ଷା କରାଯାଇଥିଲା । ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଗୁଡିକ ର୍ନିମାଣ ଅଗ୍ରଗତି ଓ ଅସମ୍ପୂର୍ଣ୍ଣ ଗୃହ ଗୁଡିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ , ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ , ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ-୧ ହରିଶ ଚନ୍ଦ୍ର ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀ-୨ ଦେବବ୍ରତ ପ୍ରସାଦ ଦାଶ , ବ୍ଲକ କନିଷ୍ଠ ଯନ୍ତ୍ରୀ ଅଭିମନ୍ୟୁ ବେହେରା, ସୁରେଶ ଚନ୍ଦ୍ର ସେଠୀ, ପ୍ରତାପ ଚନ୍ଦ୍ର ଦାସ ଓ ପ୍ରୀତିମୟୀ ପାଣିଗ୍ରାହୀ , ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳି ବିଶ୍ୱାସ , ଆଇସିଡିଏସ ସୁପରଭାଇଜର , ପଞ୍ଚାୟତ ର୍ନିବାହୀ ଅଧିକାରୀ ରଜତ କୁମାର ଟାକ୍ରୀ ,କୃଷ୍ଣ ଚନ୍ଦ୍ର ଦୁରିଆ ଓ ଇନ୍ଦ୍ର ବେହେରା ଏବଂ ଗ୍ରାମରୋଜଗାର ସେବିକା ସେବକମାନେ ଉପସ୍ଥିତ ଥିଲେ । ଜିଲା ମଙ୍ଗଳ ଅଧିକାରୀ ନନ୍ଦପୁରା ଗ୍ରାମକୁ ଯାଇ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ତଦାରଖ କରିଥିଲେ

### ଦୁର୍ଘଟଣାରେ ୩ ଗୁରୁତର

ପାପଡାହାଣ୍ଡି/ମଇଦଲପୁର, ୫।୯ (ଡି.ଏନ.ଏ)- ପାପଡାହାଣ୍ଡି ବ୍ଲକ ସୀମାନ୍ତ ଆମପାଣି ଘାଟିରେ ଏକ ସଡକ ଦୁର୍ଘଟଣାରେ ଲଡୁଗାଁର ୩ ଜଣ ଯୁବକ ଗୁରୁତର ହୋଇଛନ୍ତି । ବହ୍ନ ପ୍ରସାଦ ଦୁର୍ଗା, ସୁଶିଲ ମଙ୍ଗରାଜ ଓ ବିନାୟକ ଛତରିଆ ଏକ ବାଇକରେ ମଇଦଲପୁର ଆସି ଫେରିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ ଷ୍ଟିଲ ରେଲିଂରେ ପିଟି ହୋଇଥିଲେ । ସେମାନଙ୍କୁ ପ୍ରଥମେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମଇଦଲପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି ।

### ଅଜଣା ମୃତଦେହ ଉଦ୍ଧାର

ତେନ୍ତୁଳିଖୁଣ୍ଟି,୫।୯(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀ ସ୍ଥିତ ନବୋଦୟ ବିଦ୍ୟାଳୟ ନିକଟରୁ ଏକ ମୃତଦେହ ପୋଲିସ ଉଦ୍ଧାର କରିଛି । ତେବେ ମୃତଦେହର ପରିଚୟ ଜଣାପଡି ନାହିଁ । ଅନ୍ୟ ଅଞ୍ଚଳର ବାସିନ୍ଦା ହୋଇଥିବା ପୋଲିସ ଅନୁମାନ କରୁଛି ।

# ଜଟାବାଲ-ମାନିଗାଁ ରାସ୍ତା ମରଣଯନ୍ତା

ପାପଡାହାଣ୍ଡି,୫।୯,(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ଠାରୁ ପାତ୍ରୀ ଦେଇ ଯାଇଥିବା ମାନିଗାଁ ରାସ୍ତା ମରାମତି କାମ ବିଳମ୍ବରୁ ମରଣଯନ୍ତା ପାଲଟିଛି । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଉକ୍ତ ରାସ୍ତାର ଟେଣ୍ଡର କାମ ସରିଥିବା ବେଳେ ଠିକାଦାର ବର୍ଷା ଦିନେ ରାସ୍ତା ପାର୍ଶ୍ୱର ବହୁ ସ୍ଥାନ ପ୍ରଶସ୍ତୀକରଣ ଲାଗି ଖୋଳି ଦେଇଛନ୍ତି । କଲଭର୍ଟ ନିକଟରେ ମାଟି ପକାଇ ଛାଡି ଦେଇଥିବାରୁ ରାସ୍ତାରେ ଚାଲି କି ଯିବା ମୁସକିଲ



କାଦୁଅ ପଚପଚରେ ରାସ୍ତା ଶୋଚନୀୟ।

ହୋଇପଡିଛି । କାଦୁଅ ପଚ ପଚ ଲାଗି ଗାଡି ମଧ ଯିବା ମୁସକିଲ ହୋଇପଡିଛି । ଲୋକେ ଯିବା ଆସିବାରେ ନାନା ହଇରାଣ ହେଉଛନ୍ତି । ଏହି ରାସ୍ତା ଦେଇ ଦଶ ଖଣ୍ଡ ଗ୍ରାମର ଲୋକ ବ୍ଲକ ସଦର ମହକୁମାକୁ ଆସିବା ଲାଗି ବ୍ୟାବହାର କରିର୍ଥା । ରାସ୍ତା ଖରାପ ଥିବାରୁ ଲୋକେ ଡାବୁଗାଁ ଦେଇ ଅଧିକ ୨୦ କିମି ବୁଲିକି ଯିବାକୁ ପଡୁଛି । ରାତି ଅଧିଆ କାହାର ଦେହ ଖରାପ ହେଲେ ପାପଡାହାଣ୍ଡି ଆସିବାକୁ ଅସୁବିଧା ହେବା ଲୋକେ ଅଭିଯୋଗ କରିଛନ୍ତି । ଭଗବାନ ସିଂ, କୁବେର ନାୟକ, ଶୁକଦେବ ମାଝୀ, ଶଙ୍କର ସୁବୁଦ୍ଧି, ଜଳ ଜାନୀ , ଚରଣ ନାୟକ ପ୍ରମୁଖ ରାସ୍ତାର ଶୀଘ୍ର ମରାମତି ଲାଗି ଦାବି କରିଛନ୍ତି ନଚେତ ଆଗାମି ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

■ଚାଷଜମି ପାଣିକୁ ନେଇ ଗଣ୍ଡଗୋଳ

# ଜଣେ ମୃତ, ବାପ-ପୁଅ ଗିରଫ

ଝରିଗାଁ,୫।୯(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତ ସାନଟେମରା ଗ୍ରାମରେ ଦୁଇ ଚାଷୀଙ୍କ ମଧ୍ୟରେ ଚାଷ ଜମି ପାଣିକୁ ନେଇ ଗଣ୍ଡଗୋଳ ହୋଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ସାନଟେମରା ଗ୍ରାମର ରାଜକୁମାର ମାଝି (୫୫) । ବୁଧବାର ସକାଳେ ରାଜକୁମାର ନିଜ ଚାଷ ଜମିକୁ ଯାଇଥିଲେ । ରାଜକୁମାରଙ୍କ ଜମି ଉପର ମୁଣ୍ଡରେ ସମୁଦୁ ମାଝିଙ୍କ ଜମି ରହିଛି । ଜମିରେ ରହିଥିବା ପାଣିକୁ ନେଇ ସମୁଦୁ ଓ ତାଙ୍କ ପୁଅ ସୋମନାଥଙ୍କ ସହ ରାଜକୁମାରଙ୍କ ପ୍ରଥମେ ପାଟି ତୁଣ୍ଡ ହେବାପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଠେଙ୍ଗାରେ ରାଜକୁମାରଙ୍କ ଛାତି ଏବଂ ମୁହଁକୁ ସେମାନେ ମାଡ ମାରିଥିଲେ । ରାଜକୁମାର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ପରିବାର ଲୋକ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରାଜକୁମାରଙ୍କ ମୃତ୍ୟୁ ହୋଇଥିଲା । ରାଜକୁମାରଙ୍କ ପୁଅ କୁମ ମାଝୀ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ଜଣାଇଥିଲେ । ଖବରପାଇ ଥାନା ଅଧିକାରୀ ଅଭୟ କୁମାର ବେହେରା ସାନଟେମରା ଯାଇ ସେଠାରେ ତଦନ୍ତ କରିବା ସହ ସମୁଦୁ ଏବଂ ପୁଅ ସୋମନାଥଙ୍କୁ ଗିରଫ କରିଛି ।

# ନାବାଳିକା ଅପହରଣ ମାମଲାରେ ୨ ଜଣଙ୍କୁ ସଶ୍ରମ କାରାଦଣ୍ଡ

**ଅଭିଯୁକ୍ତଙ୍କୁ ଦଣ୍ଡାଦେଶ**

ନବରଙ୍ଗପୁର,୫।୯(ପି.ପ୍ର.)- ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ବେଣୁଧର ପାତ୍ର ୨ ଜଣ ଅଭିଯୁକ୍ତ ବାବୁଲା ଖଣ୍ଡପାଣ ଓ ଗୌତମ ବାଘଙ୍କୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ବିଜ୍ରାଗୁଡା ଗାଁର ବାବୁଲାଙ୍କୁ ୧୦ ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ୩ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଦର୍ଶାଇଛନ୍ତି । ସେହିପରି କୁର୍ମାକୋଟ ଗାଁର ଗୌତମଙ୍କୁ ୨ ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ୨ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଶୁଣାଇଛନ୍ତି । ୨୦୧୩ ନଭେମ୍ବର ୮ ତାରିଖରେ ବିଜ୍ରାଗୁଡା ଗାଁର ବାବୁଲା ଓ କୁର୍ମାକୋଟ ଗାଁର ଗୌତମ ଡାବୁଗାଁ ଥାନା ଅଧିନ ଏକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକ ବାଇକରେ ଉଠାଇ ଆଣିଥିଲେ । ବାବୁଲା ତାଙ୍କ ଘରେ ନାବାଳିକାଙ୍କୁ କିଛି ଦିନ ରଖି ଶାରିରିକ ସମ୍ପର୍କ ରଖିଥିଲେ । ପରେ ଗୌତମ ସହ ପୁଣି ବାଇକରେ ନାବାଳିକାଙ୍କୁ ଆଣି ଗାଁରେ ଛାଡି ଚାଲି ଯାଇଥିଲେ । ସେହିମାସ ୨୧ ତାରିଖରେ ପରିବାର ଲୋକ ଏ ସମ୍ପର୍କରେ ଡାବୁଗାଁ ଥାନାରେଏତଲା ଦେଇଥିଲେ । ଥାନାରେ ନଂ .୨୧୯/୧୩ ରୁଜୁ କରି ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା । କୋର୍ଟରେ କେସ ନମ୍ବର ୮୪/୧୪ ରୁଜୁ କରି ମାମଲାଟି ବିଚରାଧିନ ରହିଥିଲା । ୧୭ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଜଜ୍ ବେଣୁଧର ପାତ୍ର ଉପରୋକ୍ତ ରାୟ ଶୁଣାଇଛନ୍ତି । ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଚିନନ୍ଦନ ସ୍ୱାଇଁ ମାମଲାର ପରିଚାଳନା କରୁଥିଲେ ।

## ମାରପିଟ ମାମଲାରେ ଜଣଙ୍କୁ ୩ ମାସ କାରାଦଣ୍ଡ

ନବରଙ୍ଗପୁର,୫।୯(ବି.ପ୍ର.)- ନବରଙ୍ଗପୁର ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ଏକ ମାରପିଟ ମାମଲାର ବିଚାର କରି ଅଭିଯୁକ୍ତ ଚଟା ଗାଁର ଦଳପତି ମାଝୀଙ୍କୁ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୧୫ ନଭେମ୍ବର ୩ ତାରିଖରେ ଗାଁ ମୁଖିଆ ପିତାମ୍ବର ପୂଜାରୀ ଏକ ଘଟଣାକୁ ନେଇ ସଭା କରିଥିଲେ । ସଭାସ୍ଥଳକୁ ଦଳପତିଙ୍କ ସମେତ ୧୧ ଜଣ ଯାଇ ପିତାମ୍ବରକୁ ମାରିବା ସହ ଗାଳିଗୁଲଜ କରିଥିଲେ । ଏନେଇ ଝରିଗାଁ ଥାନାରେ ଏକ ମାମଲା ରୁଜୁ ହେବା ପରେ ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ । ଏନେଇ କୋର୍ଟ କେସ ନମ୍ବର ୧୮୬/୧୭ ରେ ଏକ ମାମଲା ରୁଜୁ ହୋଇ ବିଚରାଧିନ ରହିଥିଲା । ୮ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଜଜ ଉପରୋକ୍ତ ରାୟ ଶୁଣାଇଛନ୍ତି । ପ୍ରମାଣ ଅଭାବରେ ଅନ୍ୟ ମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଚିନନ୍ଦନ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ ।

## ଶିକ୍ଷକ ସଂଘ ବୈଠକ

କୋଷାଗୁମୁଡା,୫।୯(ଡି.ଏନ.ଏ)

କୋଷାଗୁମୁଡା ଏକ୍ସବୋର୍ଡ ବିଦ୍ୟାଳୟ ପରିସରରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏବିଇଓ ସମରେନ୍ଦ୍ର ଭୌମିକ ସଭାପତିତ୍ୱ କରିଥିଲେ । ଯୋଗ ଦେଇଥିବା ୧୨୪ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବୈଠକକୁ ଜୁନିୟର ଟିଚର ସଭାପତି ପ୍ରତାପ କୁମାର ସାମନ୍ତ ରାୟ, ସମ୍ପାଦକ ପାର୍ଥ ସାରଥୀ ସାହୁ, ଏବଂ ସଂଘର କର୍ମକର୍ତ୍ତାମାନେ ଆୟୋଜନ କରିଥିବା ବେଳେ ବ୍ଲକ ଶିକ୍ଷକ ସଂଘର ସଭାପତି ଭିକାରୀ ଚରଣ ସାହୁ, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ବାବେନ୍ଦ୍ର ନାୟକ, ପ୍ରମୋଦ ଦଳେଇ, ଅଞ୍ଜନ କୁମାର ଖଟୁଆ ଏବଂ ସିଆରସିସିମାନେ ଉପସ୍ଥିତ ଥିଲେ ।



ଆଇନ ସହାୟତା କେନ୍ଦ୍ରକୁ ଉଦଘାଟନ କରାଯାଉଛି ।

## ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ନବରଙ୍ଗପୁର, ୫।୯(ବି.ପ୍ର)- ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ କିଶୋର ନ୍ୟାୟ ପରିଷଦ କାର୍ଯ୍ୟାଳୟଠାରେ ଏକ ଆଇନ ସହାୟତା କେନ୍ଦ୍ର ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲାଜଜ ରାଜେନ୍ଦ୍ର ପାଣିଗ୍ରାହୀ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜଜ ବିକ୍ରମ ପ୍ରଧାନ, ଅତିରିକ୍ତ ଜିଲାଜଜ ବେଣୁଧର ପାତ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେ. ମହାପାତ୍ର, ବରିଷ୍ଠ କିରାଣି ଚୌଧୁରୀ ପ୍ରବୀର କୁମାର, ରେଜିଷ୍ଟର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟାଳୟ ଜିଲା ଆଇନ ସେବା ପ୍ରାଧିକରଣର ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ହେବ । ଏହି କାର୍ଯ୍ୟକ୍ରମ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଭିକ୍ଷୁକ

ଉମରକୋଟ,୫।୯(ଡି.ଏନ.ଏ)- ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଓ ପୌର ପରିଷଦରେ ଭିକ୍ଷା ବୃତ୍ତି କରୁଥିବା ପୁରୁଷ ଓ ମହିଳାମାନଙ୍କୁ ନେଇ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ତରଫରୁ ଉମରକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଫୁଲ ଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଭିକ୍ଷା ବୃତ୍ତି କରୁଥିବା ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ସକାଶେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ




ଶିବିରରେ ଉପସ୍ଥିତ ଅତିଥିମାନେ ।

ତରଫରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା କହିଥିଲେ । ବ୍ଲକ ଅଧିକାରୀ ଧର୍ମରାଜ ମାଝି, ବ୍ଲକ ଅଧକ୍ଷ ଲାଇବାନ ଭକ୍ତ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଫୁଲ ଚନ୍ଦ୍ର ସତପଥୀ, ଡିପିଓ ଉମା ସତନାମୀ, ଡିଆରଓ ବିଭୂତି ଭୂଷଣ ଯୋଗ ଦେଇ ଭିକ୍ଷୁକଙ୍କ ସକାଶେ ସରକାର ନୂତନ ଭାବେ କରିଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ପରିବାରକୁ ପ୍ରତି ମାସରେ ଏକ ହଜାର ଟଙ୍କା ଯୋଗାଇ ଦିଆଯିବ । ପଞ୍ଚମରୁ ଦଶମ ଶ୍ରେଣୀ ଓ ଯୁକ୍ତ ୨ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ତରଫରୁ ପଢିବା ନିମନ୍ତେ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ପରିବାରଙ୍କୁ ବ୍ୟବସାୟ କରିବା ନିମନ୍ତେ ୨୦ ହଜାର ଟଙ୍କା ସହାୟତା ଦିଆଯିବା ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଥିଲେ । ୫ ଜଣକୁ ନେଇ ଗ୍ରୁପ କଲେ ବିଭାଗ ତରଫରୁ ୫୦ ହଜାର ଟଙ୍କା ବ୍ୟବସାୟ କରିବା ନିମନ୍ତେ ଶିକ୍ଷିତ ଯୁବକ ଯୁବତୀଙ୍କୁ ସାହାଯ୍ୟ କରାଯିବ । ଏହି ବର୍ଗର ଲୋକଙ୍କୁ ଟ୍ରେନିଂ ଦିଆଯିବା ପରେ ସାହାଯ୍ୟ କରାଯିବ ବୋଲି କହିଥିଲେ ।

## ସମୂହ ଛୁଟିରେ ଗଲେ ପାରାଶିକ୍ଷକ

ଡାବୁଗାଁ,୫।୯ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ପାରାଶିକ୍ଷକ (ବର୍ତ୍ତମାନ କାର୍ଯ୍ୟରତ ଗଣଶିକ୍ଷକ) ମାନେ ସମୂହ ଛୁଟିରେ ଯିବାନେଇ ଏକ ଦାବିପତ୍ର ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତାଙ୍କୁ ପ୍ରଦାନ କରିଛନ୍ତି । ତାଲିମପ୍ରାପ୍ତ ଡିପିଇପି ଫେଜ-୨ ପାରାଶିକ୍ଷକ (ବର୍ତ୍ତମାନ କାର୍ଯ୍ୟରତ ଗଣଶିକ୍ଷକ) ଦୀର୍ଘ ବର୍ଷ ଧରି ସ୍ୱଳ୍ପ ବେତନରେ କାର୍ଯ୍ୟ କରିଆସୁଥିଲେ ସୁଦ୍ଧା ସରକାର ସେମାନଙ୍କୁ ନିୟମିତ କରିନାହାନ୍ତି । ବାରମ୍ବାର ନିୟମିତ କରିବା ପାଇଁ ଦାବି କରିଆସୁଥିଲେ ମଧ ସରକାର ଦାବୀକୁ ବିଚାରକୁ ନେଉନାହାନ୍ତି । ରାଜ୍ୟସଂଘ ଡାକରାରେ ବ୍ଲକ ସଂଘର ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଅନଶନ କରିବା ପାଇଁ ବୁଧବାରୁ ଠାରୁ ସମୂହ ଛୁଟିରେ ରହିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ଦେବା ସମୟରେ ବ୍ଲକ ସଂଘ ସଭାପତି ଅଭିରାମ ପାଢୀ, ସମ୍ପାଦକ କଳାଧର ପୂଜାରୀ, ବିଷ୍ଣୁପ୍ରିୟା କରସୁନ୍ଦା ପଟ୍ଟନାୟକ, ଦେବାଶିଷ ବେହେରା, ଉମଣା ପୂଜାରୀ, ଦଶମନ୍ତ ନାୟକ, ଯୋଗେଶ ଗୌଡ, ସପନ କୁମାର ମାଝୀ, ଦଶମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଆନ୍ତଃ ମହାବିଦ୍ୟାଳୟ ମହିଳା ଖୋ ଖୋ ପ୍ରତିଯୋଗିତା

# ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଲଗାତର ୫ମ ଥର ପାଇଁ ଚାମ୍ପିୟନ

ନବରଙ୍ଗପୁର, ୫।୯(ବି.ପ୍ର)-

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଞ୍ଚମ ଆନ୍ତଃ ମହିଳା ଖୋ ଖୋ ପ୍ରତିଯୋଗିତା ଗଞ୍ଜାମ ଜିଲାର ବି.ଆର.ସି ମହାବିଦ୍ୟାଳୟ ପାଟପୁରଠାରେ ଅନୁଷ୍ଠିତ ହୋଇଥିଲା । ନବରଙ୍ଗପୁର ମହିଳା (ସ୍ନାତକ) ମହାବିଦ୍ୟାଳୟ କ୍ରମାଗତ ଭାବେ ୫ମ ଥର ପାଇଁ ବିଜୟୀ ହୋଇଛି । ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ୧୬-୨ ପଏଣ୍ଟରେ ପରାସ୍ତ କରିଥିଲେ । ସେମିଫାଇନାଲ ମ୍ୟାଚରେ କନ୍ଧମାଳ ଜିଲାର କଳିଙ୍ଗ ମହାବିଦ୍ୟାଳୟ ଜି.ଉଦୟଗିରି ମହାବିଦ୍ୟାଳୟକୁ ୯-୩ ପଏଣ୍ଟରେ ପରାସ୍ତ କରିଥିଲେ । ଫାଇନାଲ ମ୍ୟାଚରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଦଳ ବାଲିଗୁଡାର ଆଦିବାସୀ ମହାବିଦ୍ୟାଳୟକୁ ୯-୩ ପଏଣ୍ଟରେ ପରାସ୍ତ କରି ପଞ୍ଚମ ଥର ପାଇଁ କ୍ରମାଗତ ଭାବରେ ଚାମ୍ପିୟନ ଆଖ୍ୟା ହାସଲ କରିଛନ୍ତି । ନବରଙ୍ଗପୁର ମହିଳା (ସ୍ନାତକ) ମହାବିଦ୍ୟାଳୟ ଦଳରେ ରାଜେଶ୍ୱରୀ ନାୟକ, ଗୀତାଞ୍ଜଳି ଭତ୍ରା (ଅଧିନାୟିକା), ନନ୍ଦିତା ହିଆଲ, କମଳା ମାଝି, ରଞ୍ଜିତା ନାୟକ, ଗୀତାଞ୍ଜଳି ନାୟକ, କଳ୍ପନା ହରିଜନ, ଭାରତୀ ନାଗ, ଚଞ୍ଚଳା ଜାନି, ମେମ୍ବିରାଣୀ ବାରା ଓ ନମିତା ବାଘ ଖେଳୁଥିଲେ । ଶିବ ପଟ୍ଟନାୟକ ଏହାର ପ୍ରଶିକ୍ଷକ ଥିଲେ । ମହିଳା ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ନବରଙ୍ଗପୁରର ବିଧାୟକ ମନୋହର ରନ୍ଧାରୀ, ମହିଳା ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ଝାଡେଶ୍ୱର ଖାଡଙ୍ଗ, ବରିଷ୍ଠ ଅଧିବକ୍ତା ଉମାଶଙ୍କର ତ୍ରିପାଠୀ, ନବରଙ୍ଗପୁର ଘରୋଇ ବସ ମାଲିକ ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ବଣିକ ସଂଘ ସଭାପତ ତଥା ମିଲ ମାଲିକ ସଂଘ ସଭାପତି ତାପସ ତ୍ରିପାଠୀ, ନବରଙ୍ଗପୁର ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁ ପ୍ରମୁଖ ଖେଳାଳି ଓ ଦଳର କ୍ରୀଡା ପ୍ରଶିକ୍ଷକଙ୍କୁ ଏହି ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି ।



କ୍ରୀଡା ପ୍ରଶିକ୍ଷକଙ୍କ ସହ ଖେଳାଳିମାନେ ।

# ଗୁରୁଙ୍କୁ ପୂଜିଲେ ଛାତ୍ରୀଛାତ୍ର




ଚନ୍ଦାହାଣ୍ଡିଠାରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରୁଛନ୍ତି ।



ଡାବୁଗାଁଠାରେ ଗୁରୁଦିବସରେ ଉପସ୍ଥିତ ଅତିଥିମାନେ ।

ଡାବୁଗାଁ/ଚନ୍ଦାହାଣ୍ଡି,୫।୯ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଡାବୁଗାଁ ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ଗୁରୁଦିବସ ବୁଧବାର ପାଳିତ ହୋଇଯାଇଛି । ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ), ଶିକ୍ଷାସହାୟକ ସଂଘ ଓ ଗଣଶିକ୍ଷକ ସଂଘ ର ୨ଜଣ ଲେଖାଏଁ ମୋଟ ୬ ଜଣଙ୍କୁ ଉତ୍ତମ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ଯୋଗ ଦେଇ ଗୁରୁଦିବସ ମହତ୍ତ୍ୱ ,ଗୁରୁ ଓ ପ୍ରତ୍ୟେକ ଶିକ୍ଷକ ନିଜର ଦାୟିତ୍ୱ ସୁଚାରୁ ପାଳନ କରି ଜଣେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜକୁ ପ୍ରତିପାଦନ କରିବେ ବୋଲି ପରାମର୍ଶ ଦେଇଥିଲେ । ଏଥିରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମଣି, ବିଷ୍ଣୁପ୍ରିୟା ବେହେରା, ଶିକ୍ଷକ ବନୁ ପନକା, ରବୀନ୍ଦ୍ରନାଥ ପ୍ରଧାନ, ଟୁନୁ ସାହୁ ଓ ରାମାକାନ୍ତ ସାହୁଙ୍କୁ ଗୁରୁଦିବସରେ ଉତ୍ତମ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ଡାବୁଗାଁ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ତଥା ନବରଙ୍ଗପୁର ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଡାବୁଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳି ବିଶ୍ୱାସ ଓ ମହେଶ ଚନ୍ଦ୍ର ଶାହା, ସିଆରସିସି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସୁଚାରୁରୂପେ ପରିଚାଳନା କରୁଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା ଓ ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡାଙ୍କୁ ସମ୍ମାନିତ କରିଥିଲେ । ଏହି ବୈଠକରେ ବ୍ଲକ ମିଳିତ ସଂଘ ସଭାପତି ମୋହନସିଂ ଗଣ୍ଡ, ସମ୍ପାଦକ ମଙ୍ଗରାଜ ମାଝୀ, କୋଷାଧକ୍ଷ ସୁରେଶ ଚନ୍ଦ୍ର ବେହେରା, ଧଳେନ୍ଦ୍ର ଦ୍ୱାରି , ଧନଞ୍ଜୟ ବଡଜେନା, ଜିତେନ୍ଦ୍ର କୁମାର ମାଝୀ, ବିଶ୍ୱାସ କୁମାର ତ୍ରିପାଠୀ, ସୌଭାଗ୍ୟ ବିଶ୍ୱାଳ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସିଆରସିସି ବିକାଶ ରଞ୍ଜନ ନିଶଙ୍କ ପରିଚାଳନା କରିଥିଲେ । ସେହିପରି ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ସମାଜ ଗଠନରେ ଶିକ୍ଷକ ମାନଙ୍କର ଭୂମିକା ଓ ଛାତ୍ରୀମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଆଲିସା ସାନ୍ତା (୧ମ), ଲଛମା ତାଡିଙ୍ଗୀ (୨ୟ) ଓ ହେମବତୀ ପନକା (୩ୟ) ଏବଂ କେନିଷ୍ଠ ବିଭାଗରେ ଅମିତା ଭତ୍ରା (୧ମ), ଶିବାନୀ ଗଣ୍ଡ (୨ୟ) ଓ ଭୂମିକା ବଞ୍ଜରା (୩ୟ) ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଛାତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଆରତୀ ବିଶୋଇ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ମନ୍ଦାକିନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ

ଚନ୍ଦାହାଣ୍ଡି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି । ମାଁଲଗାଁ, ଚନ୍ଦାହାଣ୍ଡି , ଜୁନାପାଣି, ଫଲସାପଡା, ମୋତିଗାଁ, ଖପରାଡିହି ସେବାଶ୍ରମ, ପାନାବେଡା ହାଇସ୍କୁଲ, ପାନାବେଡା କଲେଜ, ପାନାବେଡା ପବ୍ଲିକ ସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର ଏବଂ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ । ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୬/୨୦୧୮ Rayagada, Thursday, September 6/ 2018

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ମାଲକାନଗିରି,୫।୯ (ଡି.ଏନ୍.ଏ.) ମାଲକାନଗିରି-ମୋଟୁ ମୁଖ୍ୟ ରାସ୍ତା ଏମ୍.ଭି.-୭ ଗ୍ରାମ ନିକଟରେ ବୁଧବାର ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏମ୍.ଭି-୧୬ ଗ୍ରାମର ବିଶ୍ୱନାଥ ବିଶ୍ୱାସ। ବିଶ୍ୱନାଥ ନିଜ ଗ୍ରାମରୁ ମାଲକାନଗିରି ଅଭିମୁଖେ ଏକ ବାଇକ୍ ଯୋଗେ ଆସୁଥିବା ସମୟରେ ଏମ୍.ଭ-୭ ନିକଟ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଆରୋହୀଙ୍କୁ ବଞ୍ଚାଇବା ପାଇଁ ହଠାତ୍ ବ୍ରେକ୍ ମାରି ଭାରସାମ୍ୟ ହରାଇ ଗାଡିରୁ ଛିଟିକି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ବିଶ୍ୱାସଙ୍କୁ ମାଲକାନଗିରି ଡାକ୍ତରଖାନା ପଠାଇଥିଲେ । ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

### ଉପାନ୍ତ ଅଞ୍ଚଳରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୫।୯-ଓଡିଶା ସୀମାନ୍ତ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ବଡପଡା ପ୍ରାଥମିକ ବିଦ୍ୟାଳୟଠାରେ କୁଡୁମୁଲୁଗୁମ୍ମା ଓ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆରଏନଟିସିପି ମାଧମରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଚାଲିଛି। ରୋଗୀଙ୍କ କଫ ପରୀକ୍ଷା କରାଯାଇ ଯକ୍ଷ୍ମା ରୋଗ ଚିହ୍ନଟ କରି ତାଙ୍କୁ ତତ୍ସ ଔଷଧ ୬ ମାସ ପର୍ଯ୍ୟନ୍ତ ନିୟମିତ ଖାଇବାକୁ ପ୍ରଦାନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ କଫ ପରୀକ୍ଷା ଅଧିକାରୀ ରଞ୍ଜନ କୁମାର ନାୟକ, ବିପିଓ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ ଏବଂ ଆରୋଗ୍ୟ ପ୍ଲସ କର୍ମୀ ସାମିଲ ହୋଇଥିଲେ। ବଡପଡା, ପାପରମେଟେଲା, ଧୁଳିପୁଟ, ରାଲେଗାଡା ଓ ପଲଙ୍କରାଇ ଅଞ୍ଚଳର ବହୁ ରୋଗୀ କଫ ନିଆଯାଇ ପରୀକ୍ଷା କରାଯାଇଥିଲା। ଏଥି ମଧ୍ୟରୁ ୨୬ ଜଣ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

### ଗୁଡାରୀ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

ଗୁଡାରୀ, ୫।୯ (ଡି.ଏନ୍.ଏ.)- ଗୁଡାରୀ ପ୍ରାଥମିକ ଶିକ୍ଷକ ସଂଘ ଶିକ୍ଷକମାନେ ଛଅ ଦଫା ଦାବି ନେଇ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ସଂଘ ନେତା ବିନୋଦ ରଥ ଓ ସୁବାସ ଗୌଡଙ୍କ ନେତୃତ୍ୱରେ ଜିଲା ପରିଷଦ ଶିକ୍ଷକ, ଗଣଶିକ୍ଷକ ଓ ଶିକ୍ଷା ସହାୟକ ବର୍ଗର ଶିକ୍ଷକମାନେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ଜିଲା ପରିଷଦ ଶିକ୍ଷକ ଓ ନିୟମିତ ହୋଇଥିବା ଗଣଶିକ୍ଷକଙ୍କୁ ଇପିଏଫ୍ ରାଶୀ ଓ ବକେୟା ଏରିୟର ପ୍ରଦାନ, ସେବା ପୁସ୍ତିକା ଖୋଲିବା ବ୍ୟବସ୍ଥା, ପ୍ରତିମାସ ପହିଲାରେ ଦରମା ପ୍ରଦାନ, ମହଙ୍ଗା ଭତ୍ତା ଆଦି ପ୍ରଦାନ କରିବବାକୁ ଏଥିରେ ଉଲ୍ଲେଖ ରହିଛି। ଦାବିଗୁଡିକ ଶୀଘ୍ର ପୂରଣ କରା ନ ଗଲେ ଆଗାମୀ ଦିନରେ ସଂଘ ଚରମ ପଦକ୍ଷେପ ନେବ ବୋଲି ଖୋଲା ଚାଲେଞ୍ଜ ଦେଇଛି। ଏହି ଦାବି ପତ୍ରକୁ ନବନିଯୁକ୍ତ ଗୁଡାରୀ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦୃଷ୍ଟିଗୋଚର କରାଯିବ ବୋଲି କବିବର ପ୍ରଧାନ କହିଛନ୍ତି।

# ଗୁରୁଦିବସରେ ପଞ୍ଚାୟତ ପକ୍ଷରୁ ୮ଶିକ୍ଷକ ସମ୍ମାନିତ




ସତ୍ୟ ନାରାୟଣ ଜେଏମ୍ଏମ୍ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରୁଛନ୍ତି । ପଞ୍ଚାୟତ ପକ୍ଷରୁ ସମ୍ମାନିତ ହୋଇଥିବା ଶିକ୍ଷକମାନେ ।

ମାଲକାନଗିରି/ଶିଖପାଲି, ୫।୯ (ଡି.ଏନ୍.ଏ.)

ବୁଧବାର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ୧୪୧ ତମ ଜନ୍ମ ଦିବସକୁ ନେଇ ଆମ ଦେଶରେ ଏହି ଦିବସଟିକୁ ଗୁରୁଦିବସ ଭାବେ ପାଳନ କରା ଯାଉଛି। ସାଧାରଣତଃ ଏହି ଦିବସରେ ଛାତ୍ରୀଛାତ୍ରମାନେ ସ୍ୱର୍ଗତ ରାଧାକ୍ରିଷ୍ଣନ୍‌ଙ୍କୁ ମନେ ପକାଇ ତାଙ୍କୁ ଦେଶର ପ୍ରଥମ ଗୁରୁ ବୋଲି ସ୍ୱୀକାର କରିଥାନ୍ତି। ଛାତ୍ରୀଛାତ୍ରମାନେ ନିଜ ନିଜ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରିବା ସହ ସେମାନଙ୍କଠାରୁ ଭଲ ମଣିଷ ହେବାପାଇଁ ଆଶର୍ବାଦ ନେଇଥାନ୍ତି।

ମାଲକାନଗିରି ଜିଲା ଗୋରାଖୁଣ୍ଟା ପଞ୍ଚାୟତର ସରପଞ୍ଚ ଏରା ପଡିଆମିଙ୍କ ସଭାପତିତ୍ୱରେ ଆୟୋଜିତ କା ର୍ଯ୍ୟକ୍ରମରେ ସମସ୍ତ ୱାର୍ଡମେମ୍ବରମାନେ ଏହି ଦିବସକୁ ଏକ ଅଭିନବ ଉପାୟରେ ପାଳନ କରିଛନ୍ତି। ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟର କୃତୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରି ସ୍ୱତନ୍ତ୍ର ଭାବେ ସେମାନଙ୍କୁ ସମ୍ମାନିତ କରିଛନ୍ତି। ପ୍ରଥମେ ଛାତ୍ରୀମାନେ ନିମନ୍ତ୍ରିତ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ଫୁଲ ଚନ୍ଦନ ଦେଇ ପାଛୋଟି ଆଣିଥିଲେ। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ପୂର୍ବତନ ସରପଞ୍ଚ ବାଲିଆ ଦୁଆରି, ଜିଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ସୁବାଷ ବାନାର୍ଜୀ, ଗୋରାଖୁଣ୍ଟା ସିଆରସିସି ରଞ୍ଜିତ ମିସ୍ତ୍ରି ପ୍ରମୁଖ ଅତିଥି ରୂପେ ଯୋଗଦେଇ ପଞ୍ଚାୟତ ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଗୁରୁଦିବସରେ ଏପରି ସମ୍ମାନିତ କରିବା ଏକ ନିଆରା ପରମ୍ପରା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ କୃସୁବାଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା, ସହକାରୀ ଶିକ୍ଷକ ବିପିନ ପାଣିଗ୍ରାହୀ, ଗୋରାଖଣ୍ଟା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ସୋମା ମାଡି, କମାଲିଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଘଟଲଲିଆ, ପୋନାରଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରିଙ୍କି ମାଢି, ଏମ୍.ପି.ଭି-୨ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଶରଥ କେନ୍ଦୁ, ଏମ୍.ଭି-୨୦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁକମଲ ମିସ୍ତ୍ରି, ଏମ୍.ପି.ଭି-୨୧ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜେଶ୍ୱର ତାଲୁକଦାରଙ୍କୁ ଉତରୀୟ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ଆଶାକର୍ମୀ କୁନି ମାଢିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଶିକ୍ଷକ ବିପିନ ବିହାରୀ ପାଣିଗ୍ରାହୀ ପରିଚାଳନା କରିଥିଲେ । ସେହିପରି ମାଲକାନଗିରି ସଦର ମହକୁମାସ୍ଥିତ ସତ୍ୟ ନାରାୟଣ ଜେଏମ୍ଏମ୍ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରିଛନ୍ତି। ସେମାନେ ଗୁରୁବନ୍ଦନା କରିବା ସହ ଗୁରୁଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଗୁରୁମାନେ ସେମାନଙ୍କୁ ସୁନାଗରିକ ହୋଇ ହୋଇ ଦେଶର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

# ୩ ସ୍ଥାନରେ ଗୁରୁଦିବସ

ବାଲିମେଳା/ଚିତ୍ରକୋଣ୍ଡା/ଖଇରପୁଟ, ୫।୯ (ଡି.ଏନ୍.ଏ.)– ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବଣିକ ସଂଘ ତରଫରୁ ଗୁରୁଦିବସ ପାଳନ କରାଯାଇଛି। ଏଥିରେ ବାଲିମେଳା ଅଞ୍ଚଳର ୧୩ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୋଟ ବାଲିମେଳା ପ୍ରଥମେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ତୈଳ୍ୟ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ବିଷୋୟୀ, ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଏମ୍‌ବି ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଛାତ୍ରୀଛାତ୍ରମାନଙ୍କୁ ଗୁରୁଶିଷ୍ୟଙ୍କ ପବିତ୍ର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକଙ୍କୁ କେବେ ହେଲେ ଅବହେଳା ନ କରି ସମ୍ମାନଦେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଗୋଛି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଣିକ ସଂଘ ସଭାପତି ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକମରେ ୮ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଚିତ୍ରକୋଣ୍ଡା ଅଞ୍ଚଳର ଗୁଡମର୍ନିଂ ପ୍ଲେ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଚିତ୍ରକୋଣ୍ଡା କନ୍ୟାଶ୍ରମ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେପସାହି ପ୍ରାଥମିକ ବିଦ୍ୟାଳୟ, ଗୋଜିଆଗୁଡା ପ୍ରକଳ୍ପ ବିଦ୍ୟାଳୟ ଓ ଡ଼ିଆଇଇଟି ସିଟି ସ୍କୁଲରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ସ୍ୱାଗତ ଜଣାଇ ଛାତ୍ରୀଛାତ୍ରମାନେ ପୂଜାର୍ଚ୍ଚନା କରିଥିଲେ। ଶିକ୍ଷୟତ୍ରୀ ଶିକ୍ଷକମାନେ ଏକଲବ୍ୟ ଓ ତାଙ୍କ ଗୁରୁ, ଗୁରୁ-ଶିଷ୍ୟ ସମ୍ପର୍କର ମହାନତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଖଇରପୁଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ବ୍ଲକର ପାଣ୍ଡାଗୁଡାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜା କରିବା ସହ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନଶିକ୍ଷକ ଛତିଶ ଚନ୍ଦ୍ର ନାୟକ ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ନିୟମିତ ଆସିବା ସହ ଭଲ ପାଠ ପଢି ଦେଶର ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଖଇରପୁଟସ୍ଥିତ ଶିଶୁମନ୍ଦିରରେ ମଧ୍ୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁଦିବସ ପାଳନ କରାଯାଇଥିଲା ।

# ବର୍ଷାରେ ଭାଙ୍ଗିଛି ଘର, ମିଳିନି ସହାୟତା



ବସନ୍ତଙ୍କ ଭାଙ୍ଗିଯାଇଥିବା ଘର ।

ଶିଖପାଲି,୫।୯ –

ମାଲକାନଗିରି ଜିଲା ଶିଖପାଲି ପଞ୍ଚାୟତ ଗ୍ରାମ ଏମ୍.ଭି-୧୭ ଗ୍ରାମରେ ଗୋଟିଏ ପରିବାରର ବର୍ଷାରେ ଘର ଭାଙ୍ଗିଯାଇଛି। ଫଳରେ ସମ୍ପୃକ୍ତ ପରିବାର ଦୁଃଖରେ ଦିନ କାଟୁଛନ୍ତି। ଏମ୍.ଭି-୧୭ ଗ୍ରାମର ବସନ୍ତ ସାନାଙ୍କ ଘର ବର୍ଷାରେ ଭୁଶୁଡି ପଡିଛି। ସେ ଜଣେ ଗରିବ ଶ୍ରେଣୀର ଲୋକ । ନିଜେ କୁଲି ମଜୁରି କରି ପରିବାର ଚଳାନ୍ତି। ଏପରି ସ୍ଥଳେ ଘରଟିଏ କରିବାକୁ ତାଙ୍କର ସମର୍ଥ ନାହିଁ। ପ୍ରବଳ ବର୍ଷାରେ ମାଟି ଘରର କାନ୍ଥ ଭୁସୁଡି ପଡିଛି। ଯଦି ସରକାର ତାଙ୍କୁ ତାଙ୍କୁ ସହାୟତା ନ ଦେଲେ ସେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ କରିପାରିବେ ନାହିଁ। ଶିଖପାଲି ରାଜସ୍ୱ ନିରୀକ୍ଷକ ଅନ୍ୟ ଅଞ୍ଚଳରେ କ୍ଷୟକ୍ଷତି ଆକଳନ କରୁଛନ୍ତି। ଏମଭି-୧୭ ଗ୍ରାମକୁ କ୍ଷୟକ୍ଷତି ଆକଳନ ପାଇଁ ଆସିନାହାନ୍ତି। ତୁରନ୍ତ ବସନ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଫଟୋ

# ଭୁଶୁଡିଲା ବନରକ୍ଷୀଙ୍କ ବାସଭବନ

ଖଇରପୁଟ, (ଡି.ଏନ.ଏ.)–

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦରମହକୁମାସ୍ଥିତ ଜଙ୍ଗଲ ବିଭାଗର ବନରକ୍ଷୀଙ୍କ ସରକାରୀ ବାସଭବନ ହଠାତ ମଙ୍ଗଳବାର ଭୁଶୁଡି ପଡଛି । ଗୃହଟିର ଅଧିକାଂଶ ଭାଗ ଭାଙ୍ଗିଯାଇଛି । ଗୃହଟି ଭୁଶୁଡିବା ସମୟରେ ବନରକ୍ଷୀ ମହମ୍ମଦ ଅଲ୍ଲି ସରକାରୀ କାର୍ଯ୍ୟରେ ବାହାରକୁ ଯାଇଥିଲେ। କାନ୍ଥ ଭୁଶୁଡିବା ଫଳରେ ବାସଭବନରେ ଥିବା ସରକାରୀ କାଗଜପତ୍ର ନଷ୍ଟ ହେବା ସହ ତାଙ୍କର ବ୍ୟକ୍ତିଗତ ଆସବାବପତ୍ର ମଧ ନଷ୍ଟ ହୋଇଯାଇଛି । ଏହି ସରକାରୀ ଗୃହଟି ବହୁ ବର୍ଷର ପୁରୁଣା ଗୃହ ହୋଇଥିବାରୁ ଭାଙ୍ଗିଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ବନରକ୍ଷୀ ଅଲ୍ଲି ଚିତ୍ରକୋଣ୍ଡା ବନାଞ୍ଚଳରୁ ଅଳ୍ପ କିଛିଦିନ ହେବ ଏଠାକୁ ବଦଳି ହୋଇଆସିଥିଲେ।

# ୪ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପଡିଆ,୫।୯–

ମାଲକାନଗିରି ଜିଲା ପଡିଆ ବ୍ଲକ ଅଧୀନରେ କାର୍ଯ୍ୟ କରୁଥିବା ୪ ଜଣ ଶିକ୍ଷକଙ୍କୁ ବୁଧବାର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପଡିଆ ବ୍ଲକ କମାରଗୁଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଧରଣୀଧର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ, ସହକାରୀ ଶିକ୍ଷା ଅଧିକାରୀ ଧରଣୀଧର ନାୟକ ଓ ବୀରେନ୍ଦ୍ର କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଶିକ୍ଷକ ସଂଘ ସଭାପତି ଟି. ବିଟମ୍‌ଙ୍କ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ଅତିଥି ଏବଂ ବିଦାୟୀ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଗତ ମାସ ୩୧ରେ ଅବସର ଗ୍ରହଣ କରିଥିବା ଏମ.ଭି-୧୧୦ ୟୁପି ସ୍କୁଲ ଶିକ୍ଷକ ରତିକାନ୍ତ ନାୟକ , ଏମ.ଭି-୧୧୬ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସତ୍ୟାନନ୍ଦ ଭଳ, ଏମ.ଭି-୭୦ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାମନାଥ କମାର ଏବଂ କାଲଦାପାଲ୍ଲି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପୂର୍ଣ୍ଣଚନ୍ଦ୍ର ଗାଡ୍‌ୱାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଏହି ଶିକ୍ଷକମାନେ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ କାଳ ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ତଥା ଜଙ୍ଗଲ ପାହାଡ ଘେରା ଅଞ୍ଚଳରେ ଶିକ୍ଷକତା କରି ଅନେକ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢି ତୋଳିଛନ୍ତି ବୋଲି ପ୍ରକାଶ କରି ଏଦିଗରେ ସେମାନଙ୍କ ଭୂମିକାକୁ ପ୍ରସଂଶା କରିଥିଲେ । ଏହି ଶିକ୍ଷକମାନଙ୍କ ଅଗାମୀ ଜୀବନ ଜୀବନ ସୁଖମୟ ହେଉ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଞ୍ଜୟ କୁମାର ନାୟକ, ଗଜେନ୍ଦ୍ର ନାୟକ, ରାମକୃଷ୍ଣ ଜେନା ପରିଚାଳନା କରିଥିଲେ ।

# ଗୋରୁଗାଈଙ୍କୁ ଟୀକାକରଣ

ଚିତ୍ରକୋଣ୍ଡା,୫।୯–

ଚିତ୍ରକୋଣ୍ଡାରେ ଚଳିତ ବର୍ଷ ୨ମାସ ହେଲା ଲଗାଣ ବର୍ଷା ପାଇଁ କେବଳ ଜନସାଧାରଣ ନୁହନ୍ତି ଗୃହପାଳିତ ପ୍ରାଣୀମାନେ ମଧ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚିତ୍ରକୋଣ୍ଡା ଅଞ୍ଚଳର ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱାଡା, କପାଟୁଟି, ପାପୁଲୁର, କୁରୁମାନୁର, ଟନେଲକ୍ୟାମ୍ପ, ବଡପଦର, ରାଲେଗାଡା, ଧୁଳିପୁଟ, ବଡପଡା, ପାପରମେଟେଲା, ପଣସପୁଟ, ଅଣ୍ଡିରାପାଲି, ଜୋଦମ୍ବା ଓ ଯନ୍ତ୍ରୀ ପଞ୍ଚାୟତରେ ଗୋରୁ ଗାଈଙ୍କୁ ଫାଟୁଆ ରୋଗ ଓ ପାଟି ଘା ହୋଇଥିଲା। ଫଳରେ ଅନେକ ପଞ୍ଚାୟତରେ ଗୋରୁଗାଈଙ୍କ ମୃତ୍ୟୁ ହୋଇଛି। ଏହି ପରିପେକ୍ଷୀରେ ଶିଶୁ ଓ ମହିଳା କଲ୍ୟାଣ ସମିତି ତଥା ସମନ୍ୱିତ କୃଷି କାର୍ଯ୍ୟକ୍ରମରେ ଓ ପ୍ରାଣୀଧନ ନିରୀକ୍ଷକ ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୋରୁଗାଈଙ୍କୁ ଟୀକାକରଣ କରାଯାଉଛି। ଟନେଲକ୍ୟାମ୍ପ ପଞ୍ଚାୟତର ମଧୁପୁଟିଆ, ଜାନିଗୁଡା ଓ ଟନେଲକ୍ୟାମ୍ପ ଗ୍ରାମରେ ଏହି କାର୍ଯ୍ୟକ୍ରମ ଚାଲିଛି। ପ୍ରକଳ୍ପ ସଂଯୋଜକ ରାକେଶ ମହାରଣା ଓ ବିନାୟକ ମିଶ୍ର ସହଯୋଗ କରୁଛନ୍ତି।



ଗୋରୁଗାଈଙ୍କୁ ଟିକା ଦିଆଯାଉଛି ।

# ମୂର୍ତ୍ତି କାରିଗରୀ ଦେଇଛି ପରିଚୟ

ମାଲକାନଗିରି,୫।୯ (ଡି.ଏନ୍.ଏ.)

ଗୋଟିଏ ପରିବାରର ମା' ଏବଂ ଝିଅପୁଅ ସମସ୍ତେ ମୂର୍ତ୍ତି ଗଢିବା ପରି କାର୍ଯ୍ୟକୁ ଆଦରି ନେଇଛନ୍ତି। ଆଗକୁ ଗଣେଶ ପୂଜା ଆସୁଥିବାରୁ ସେମାନେ ଏବେ ଗଣେଶ ପ୍ରତିମା ନିର୍ମାଣରେ ଲାଗିଥିବା ଦେଖିବାକୁ ମିଳିଛି ମାଲକାନଗିରିରେ। ସହରର ମୁଖ୍ୟରାସ୍ତା କଡରେ ଗଣେଶ ପ୍ରତିମା ନିର୍ମାଣ କରୁଛନ୍ତି ରେଖା ମଲ୍ଲିକ। ତାଙ୍କ ନିଜ ଗ୍ରାମ କାଲିମେଳା ଥାନା ବଡିଗେଟା ପଞ୍ଚାୟତ ଏମ୍.ଭି.-୭୦ ଗ୍ରାମରେ । ସ୍ୱାମୀ ସମୀର ସାନା ଦୀର୍ଘ ୧୫ ବର୍ଷ ହେଲା ମାଲକାନଗିରି ଛାଡି ଆନ୍ଧ୍ରପ୍ରଦେଶ ଯାଇ ସେଠାରେ ଏହି ମୂର୍ତ୍ତି ତିଆରି କରୁଛନ୍ତି। ବିବାହ ପୂର୍ବରୁ ନିଜ ମାଆବାପାଙ୍କଠାରୁ ମୂର୍ତ୍ତି ନିର୍ମାଣ ଶିଖିଥିଲେ ରେଖା। ବିବାହ ପରେ ମଧ ନିଜ ସ୍ୱାମୀଙ୍କ ସହ ମିଶି ବିଭିନ୍ନ ପ୍ରତିମା ନିର୍ମାଣ କରି ବଜାରରେ ବିକ୍ରି କରି ଅର୍ଥ ରୋଜଗାର କରୁଥିଲେ । ମାତ୍ର ସ୍ୱାମୀ ଆନ୍ଧ୍ରପ୍ରଦେଶ ଚାଲିଗଲା ପରେ ଝିଅ ଉଷା ଓ ତାଙ୍କ ଦୁଇପୁଅ ମଧୁସୂଦନ ଏବଂ ଶୁଭେନ୍ଦୁଙ୍କୁ ମୂର୍ତ୍ତି ତିଆରି ଶିଖାଇଥିଲେ। ଏବେ ଝିଅପୁଅମାନେ ମଧ ବର୍ତ୍ତମାନ ନିଖୁଣ ଭାବେ ବିଭିନ୍ନ ଦେବାଦେବୀଙ୍କ ପ୍ରତିମା ତିଆରି କରିପାରୁଛନ୍ତି। ରେଖା ଗତ ୧୯ ବର୍ଷ ଧରି ଏପରି ମୂର୍ତ୍ତି ଗଢି ବଜାରରେ ବିକ୍ରି କରୁଛନ୍ତି। ତାଙ୍କ ପରିବାର ସମସ୍ତେ ଜଣେ ଜଣେ ମୂର୍ତ୍ତି କାରିଗର ହୋଇଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରୁଥିବା କହନ୍ତି ରେଖା।



ମୂର୍ତ୍ତି ଗଢୁଛନ୍ତି ରେଖା ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ